## ଆହତ କୁଟୁରା ଉଦ୍ଧାର

ଢେଙ୍କିକୋଟ,(ଡି.ଏନ.ଏ.): କେନ୍ଦୁଝର ଜିଲା ଢେଙ୍କିକୋଟ ଫରେଷ୍ଟ ସେକ୍ସନ ସନ୍ତାରପୁର ଗ୍ରାମରେ ଶନିବାର ସକାଳେ ଏକ ଆହତ କୁଟୁରାକୁ ସାଧିକ ନାମକ ଜଣେ ଯବାନ ଓ ମହିଳା ମାନେ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ମିଳିତ ଭାବେ କୁଟୁରାକୁ ଉଦ୍ଧାର କରି ଢେଙ୍କିକୋଟ ଫରେଷ୍ଟଗାର୍ଡ ଯୋଗେଶ୍ୱର ମାଝୀଙ୍କୁ ଫୋନ କରି ଜଣାଇଥିଲେ। ଘଟଗାଁ ରେଞ୍ଜର ପ୍ରଭାତ କୁମାର କୁଅଁରଙ୍କୁ ଫରେଷ୍ଟଗାର୍ଡ ସମସ୍ତ ଘଟଣା ସମ୍ପର୍କରେ ଜଣାଇବା ପରେ ତାଙ୍କ ନିର୍ଦ୍ଦେଶକ୍ରମେ କୁଟୁରାକୁ ଘଟଗାଁ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି।

# ବର୍ଷା ଜଳ ସଂରକ୍ଷଣ କୁଣ୍ଡକୁ ନେଇ ବିବାଦ

ଯୋଡ଼ା,୧୯।୬(ଡି.ଏନ୍.ଏ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବିଲେଇପଦା ସେକ୍ସନ ଅନ୍ତର୍ଗତ ତଥା ଯୋଡା ପୌରପାଳିକାର କଳାପାହାଡ ଛକ ନିକଟରେ ଥିବା ସଂରକ୍ଷିତ ଜଙ୍ଗଲରେ ଜଙ୍ଗଲ ବିଭାଗର ବିନା ଅନୁମତିରେ ପୌରପାଳିକା ପକ୍ଷରୁ ଖନନ କରାଯାଇ ବର୍ଷା ଜଳ ସଂରକ୍ଷଣ କୁଣ୍ଡ ନିର୍ମାଣ କରାଯାଇଛି। ଏହି କୁଣ୍ଡ ନିର୍ମାଣ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଜଳ ସଂରକ୍ଷଣର କୌଣସି ଏଠାରେ ଜଳସ୍ରୋତ ଝରୁ ନ ଥିବା ବେଳେ କାହା ସ୍ୱାର୍ଥରେ ଏପରି ନିର୍ମାଣ କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

ସ୍ଥାନୀୟ ଲୋକ ଅଭିଯୋଗ କରି କହିଛନ୍ତି ଯେ, ବର୍ଷା ହେଲେ ଏହି ଜଙ୍ଗଲର ଅନ୍ୟ ପାର୍ଶ୍ୱରୁ ବର୍ଷା ଜଳ ଆସି ବସ୍ତି ଅଞ୍ଚଳରେ ପଶିଥାଏ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଏହି ଶାଗୁଆନ ଜଙ୍ଗଲ ମଧ୍ୟରେ ବର୍ଷା ଜଳ ସଂରକ୍ଷଣ ପାଇଁ ଅଯଥାରେ କୁଣ୍ଡ ନିର୍ମାଣ କରାଯାଉଛି। ଅନ୍ୟ ପକ୍ଷରେ ଲୋକେ ଅଭିଯୋଗ କରିଛନ୍ତି ଯେ, ପୌରପାଳିକା ପକ୍ଷରୁ ପରିତ୍ୟକ୍ତ ହୋଇ ପଡିଥିବା ଡ୍ରେନକୁ ନିର୍ମାଣ କରିବା ପରିବର୍ତ୍ତେ ଏହା ଏକ ଅଯଥା ଅପଚୟ ବୋଲି କହିଛନ୍ତି। ଏ ସମ୍ପର୍କରେ ପୌରପାଳିକା ଯନ୍ତ୍ରୀ ଭକ୍ତବନ୍ଧୁ ମହାନ୍ତ କହିଛନ୍ତି ଯେ, ବର୍ଷା ଜଳ ସଂରକ୍ଷିତ କରିବା ପାଇଁ ଏପରି ୧୪୦ଟି ବିଭିନ୍ନ ସ୍ଥାନରେ କୁଣ୍ଡ ନିର୍ମାଣ କରାଯାଉଛି। ପ୍ରତି କୁଣ୍ଡ ବାବଦକୁ ପ୍ରାୟ ୨୫ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ରହିଛି। ଅପର ପକ୍ଷରେ ଏହି କୁଣ୍ଡ ନିର୍ମାଣ ହେବା ପରେ ବନବିଭାଗ ଏବଂ ପୌରପାଳିକା ମଧ୍ୟରେ ବିବାଦ ଦେଖାଦେଇଛି। ଏ ସମ୍ପର୍କରେ ବିଲେଇପଦା ବନପାଳ ପ୍ରଦୀପ ବେହେରା ସୂଚନା ଦେଇ କହିଛନ୍ତି ଯେ, ପୌରପାଳିକା ପକ୍ଷରୁ ନିର୍ମାଣ କରାଯାଇଥିବା ଉକ୍ତ କୁଣ୍ଡ ସଂରକ୍ଷିତ ଜଙ୍ଗଲରେ ହୋଇଛି ଏବଂ ନିର୍ମାଣ କରାଯାଉଥିବାବେଳେ ସେ ଏହାକୁ ଦେଖି ପୌରପାଳିକାକୁ ନିର୍ମାଣ କରିବା ପାଇଁ ମନା କରିଥିଲେ, ମାତ୍ର ତାଙ୍କୁ ଅଣଦେଖା କରି ବିନା ବିଭାଗୀୟ ଅନୁମତିରେ ଏହା ନିର୍ମାଣ କରାଯାଇଛି। ଏ ସଂକ୍ରାନ୍ତରେ କେନ୍ଦୁଝର ଡିଏଫଓ ସ୍ୱୟମ ମଲ୍ଲିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ସଂରକ୍ଷିତ ଜଙ୍ଗଲରେ ହେଉଥିବା ଏହି କାର୍ଯ୍ୟକୁ ବନବିଭାଗ ଯାଞ୍ଚ କରି ପଦକ୍ଷେପ ନେବ।



ସଂରକ୍ଷିତ ଜଙ୍ଗଲରେ ବର୍ଷା ଜଳ ସଂରକ୍ଷଣ କୁଣ୍ଡ।

## ସଂକ୍ଷେପରେ

### ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଜବତ

ଚମ୍ପୁଆ,୧୯।୬(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ କୋଦଗାଡିଆ ମାଟିହଣା ସାହିରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ସାହିଠାରୁ ଦୂରରେ ଏକ ଆମ୍ବ ଗଛରେ ଗୋଟିଏ ଗାମୁଛାରେ ଝୁଲି ଜୀବନ ହାରିଛନ୍ତି ଏକ ଦମ୍ପତି। ପୋଲିସ ସୂଚନା ଅନୁଯାୟୀ ମାଟିହଣା ସାହିର ପାନମତି ମୁଣ୍ଡା ଓ ରିତ ମୁଣ୍ଡା ବିବାହ କରି ୮ ଦିନ ହେବ ରହି ଆସୁଥିଲେ। ଉଭୟ ଟ୍ରାକ୍ଟରରେ କାମ କରି ଚଳୁଥିଲେ। ଗତ ଶୁକ୍ରବାର ଉଭୟ ମଜୁରି ଆଣିବାକୁ କହି ଘରୁ ଯାଇଥିଲେ ମଧ୍ୟ ଆଉ ଫେରି ନ ଥିଲେ। ଶନିବାର ସକାଳେ ଆମ୍ବ ଗଛରେ ଉଭୟଙ୍କ ମୃତଦହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଚମ୍ପୁଆ ପୋଲିସ ପହଞ୍ଚି ମୃତଦେହ ଜବତ କରି ଚମ୍ପୁଆ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଅପମୃତ୍ୟୁ ମାମଲା (ନଂ.୧୪/୨୦୨୧) ରୁଜୁ କରି ତଦନ୍ତ ଚଳାଇଛି। ପାରିବାରିକ ଅଶାନ୍ତିରୁ ସେମାନେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଥାନାଧିକାରୀ ଗଗନ ନାୟକ ସୂଚନା ଦେଇଛନ୍ତି।

### ଚୋରଙ୍କ ଛୁରାମାଡ଼ରେ ପୋଲିସ ଆହତ

ପାଟଣା,୧୯।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡା ବ୍ଲକ ଖଜିରାପାଟ ପଞ୍ଚାୟତ ପଡିଆପଶି ଛକରେ ଥିବା ଏକ ଭେରାଇଟି ଷ୍ଟୋରର ଆଜବେଷ୍ଟସ ଭାଙ୍ଗି ଘର ଭିତରେ ପଶି ଶୁକ୍ରବାର ବିଳମ୍ବିତ ରାତିରେ ଚୋରି କରୁଥିବା ବେଳେ ୨ ଚୋରଙ୍କୁ ଗ୍ରାମବାସୀ ଓ ପୋଲିସ କାବୁ କରିଥିଲେ। ଚୋରଙ୍କ ଛୁରା ମାଡ଼ରେ ତୁରୁମୁଙ୍ଗା ଥାନା ଏଏସ୍ଆଇ ବିଜୟ ଖଟୁଆ ଆହତ ହୋଇଛନ୍ତି। ଶନିବାର ଦୁଇ ଚୋରଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଖଜିରା ପାଟ ପଞ୍ଚାୟତ ଦୁଆଘାଟ ଗ୍ରାମର ସ୍ମୃତି ରଞ୍ଜନ ଭୂୟାଁ ଓ ସରୋଜ ରାଉତ। ଏନେଇ ପୋଲିସ ମାମଲା (ନଂ.୬୪/୨୧) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

### 'ଜ୍ୟୋତିପ୍ରକାଶ ଥିଲେ ବହୁମୁଖୀ ପ୍ରତିଭା'

ଭଦ୍ରକ ଅଫିସ, ୧୯।୬: ଭଦ୍ରକ ଜିଲା ସଦର ବ୍ଲକ ଆମ୍ବରୋଳି ପଞ୍ଚାୟତର ଦିବଂଗତ ସମିତିସଭ୍ୟ ଜ୍ୟୋତିପ୍ରକାଶ ସାମଲଙ୍କ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ତଳାଙ୍ଗ ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ଆୟୋଜିତ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜ୍ୟୋତିପ୍ରକାଶ ସଫଳ ରାଜନୀତିଜ୍ଞ ସାଙ୍ଗକୁ ଭଲ କ୍ରୀଡ଼ାବିତ୍ ଥିଲେ। ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ବକ୍ତାମାନେ ସ୍ମୃତିଚାରଣ କରିଥିଲେ।

### ବିଶ୍ୱଜିତ୍ ପଞ୍ଚାୟତ ଯୁବ ବିଜେଡି ସଭାପତି

ଭଣ୍ଡାରିପୋଖରୀ,୧୯।୬(ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତର ଯୁବ ବିଜେଡି ସଭାପତି ଭାବେ ବିଶ୍ୱଜିତ ଜେନାଙ୍କୁ ଶନିବାର ନିଯୁକ୍ତି ଦିଆଯାଇଛି। ଜିଲା ଯୁବ ବିଜେଡି ସଭାପତି ମୁକୁନ୍ଦଦେବ ସାମଲ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଦଳୀୟ ନେତା ପ୍ରୟାସକାନ୍ତି ସାମଲ, ଉତ୍କଳ କେଶରୀ ମହାନ୍ତି, ପ୍ରତ୍ୟୁଷ ସାମଲ, ପର୍ଶୁରାମ ପଣ୍ଡାଙ୍କ ଉପସ୍ଥିତିରେ ବିଶ୍ୱଜିତ ଦାୟିତ୍ୱ ଗ୍ରହଣ କରିଛନ୍ତି।

### କରୋନା ସଚେତନତା, ସହାୟତା ଦିବସ

ଭଣ୍ଡାରିପୋଖରୀ,୧୯।୬(ଡି.ଏନ.ଏ): ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଜନ୍ମଦିନକୁ ଦଳ ପକ୍ଷରୁ କରୋନା ସଚେତନତା ଓ ସହାୟତା ଦିବସ ଭାବେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ଅଧୀନ ୨୩ ପଞ୍ଚାୟତ ସଭାପତିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାନଶାସନ, ପାଟୁଳି, ରାମଚନ୍ଦ୍ରପୁର ପଞ୍ଚାୟତରେ ଭଦ୍ରକ ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସଙ୍କ ଉପସ୍ଥିତିରେ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ମାସ୍କ ବଣ୍ଟନ କରାଯାଇଥିଲା। ବ୍ଲକ ସଭାପତି ରଜନୀକାନ୍ତ ଚନ୍ଦ, ବରିଷ୍ଠ ନେତା ଗୋଲକ ବେହେରା, ଅଜୟ ସାହୁ, ରମେଶ ଭାରତୀ ପ୍ରମୁଖ ସହଯୋଗ କରିଥିଲେ। ପରେ କହରାପୋଖରୀ ଓ ବଇଁଆ ଗ୍ରାମରେ କରୋନାରେ ୨ ମୃତକଙ୍କ ପରିବାରକୁ ଭେଟି ସହାୟତା ପ୍ରଦାନ କରିଥିଲେ।

# ଶେଷ ବଦଳି

ଡ. ବିଶ୍ୱଭାରତୀ

ନନା (ଆମେ ବାପାଙ୍କୁ ନନା ଡାକୁ) ଚାକିରି କରିବାର ପ୍ରାୟ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ଆମଘରେ ଟିଭି, ଫ୍ରିଜ୍ ବା କୌଣସି ଆସବାବପତ୍ର ନ ଥିଲା। ଏସବୁ କିଣିବା ପାଇଁ ଇଚ୍ଛା ବା ଟଙ୍କା ପଇସାର ଅଭାବ ତ ଥିଲା। କାରଣ ଅଧିକାଂଶ ସମୟରେ ଦରମାର ଏକ ବଡ଼ ଭାଗ ଗାଁର ଗରିବପିଲାଙ୍କ ପାଠପଢ଼ା, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବା କୌଣସି ରୋଗୀର ଡାକ୍ତରଖାନା ଖର୍ଚ୍ଚ ବାବଦରେ ବ୍ୟୟ କରିବାକୁ ନନା ବେଶି ଭଲ ପାଉଥିଲେ। କିନ୍ତୁ ଏସବୁ ସହିତ ଅନ୍ୟ ଏକ ବଡ଼ କାରଣ ଥିଲା ଯେ, ବଦଳି ଅର୍ଡର ବାହାରିବାର ଚବିଶଘଣ୍ଟା ଭିତରେ ନନା ସେ ସ୍ଥାନ ପରିତ୍ୟାଗ କରୁଥିଲେ। ଖୁବ୍ କମ୍ ସମୟ ଭିତରେ ଦୁଇଟି ବାକ୍ସରେ ଲୁଗାପଟା, ବାସନକୁସନ ଓ ବହିପତ୍ର ରଖି ଦିଆଯାଉଥିଲା ଏବଂ ଦୁଇଟି ସଅପରେ କନ୍ଥା ତକିଆ ବନ୍ଧା ହେଉଥିଲା। ଏସବୁ ବସ୍‌ରେ ଲଦି ଆମମାନଙ୍କୁ ନେଇ ନନା ନୂତନ କର୍ମସ୍ଥଳୀକୁ ଚାଲି ଯାଉଥିଲେ। ଏ ଘଟଣା ଏତେ ଅପ୍ରତ୍ୟାଶିତ ଭାବେ ଘଟୁଥିଲା ଯେ ସ୍ଥାନୀୟ ଲୋକେ ତଥା କର୍ମସଙ୍ଗୀମାନେ ବିଶ୍ୱାସ କରିପାରୁ ନ ଥିଲେ। ଯେ କୌଣସି ଜାଗାରେ ଯୋଉ କାମ ବି କରୁଥିଲେ, ଏତେ ନିଷ୍ଠାର ସହିତ ଓତପ୍ରୋତ ଭାବରେ ଜଡ଼ିତ ହୋଇ ଉତ୍ସାହ ଉଦ୍ଦୀପନାର ସହିତ କରୁଥିଲେ ଯେ ଖୁବ୍ କମ୍ ଦିନ ଭିତରେ ଅନେକ କାଳର ଅସଜଡ଼ା କାମ ନୂଆରୂପରେ ନିଖୁଣ ଭାବରେ ହୋଇଯାଉଥିଲା। ତେଣୁ ଯେତେବେଳେ ତାଙ୍କର ବଦଳି ଅର୍ଡର ବାହାରୁ ଥିଲା ଲୋକେ ସ୍ତବ୍ଧ ହୋଇଯାଉଥିଲେ। ବ୍ୟାକୁଳ ହୋଇ କହୁଥିଲେ, ଏତେ ଶୃଙ୍ଖଳିତ ଭାବରେ ସଜାଡ଼ି ଦେଇଥିବା କାମ ସବୁ ଆପଣ ଏଠୁ ଚାଲିଗଲେ କେମିତି ହେବ? ଦୟାକରି ଆପଣ ଏଠୁ ଯାଆନ୍ତୁ ନାହିଁ। ଏ ବଦଳି ଅର୍ଡରକୁ ଗ୍ରହଣ କରନ୍ତୁ ନାହିଁ। ଅନେକ ସମୟରେ ଏମିତି ବି ହେଇଛି ଯେ, ସ୍ଥାନୀୟ ଲୋକେ ବା କାର୍ଯ୍ୟାଳୟର କର୍ମଚାରୀମାନେ ନିଜ ତରଫରୁ ଉପରିସ୍ଥ ଅଧିକାରୀମାନଙ୍କୁ ନନାଙ୍କ ବଦଳି ବନ୍ଦ କରିବାକୁ ଅନୁରୋଧ କରିଛନ୍ତି। କିନ୍ତୁ ପ୍ରତ୍ୟେକ ଥର ବିନମ୍ରତାର ସହିତ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ନୂତନ କର୍ମକ୍ଷେତ୍ରକୁ ଚାଲିଯାଆନ୍ତି ଏହା କହି ଦେଇ ଯେ 'ବାକି ଥିବା କାର୍ଯ୍ୟ ଆପଣମାନେ ଆଗେଇ ନେବେ।'

ଥରେ ପଚାରିଲି 'ନନା ଲୋକେ ତ ଏତେ ଚାହୁଁଛନ୍ତି, ତୁମେ ଏଠି ଆଉ କିଛି ଦିନ ରହିଯାଉନ?' ନନା ହସି ହସି ଉତ୍ତର ଦେଲେ, ମା'ରେ! ସବୁବେଳେ ମନେରଖିବୁ ପ୍ରଥମ କଥା ତ ବଦଳି ଡାକରା ଆସିଲା ମାତ୍ରେ ତାକୁ ସମ୍ମାନ ଦେଇ ତୁରନ୍ତ ଚାଲିଯିବା ଉଚିତ। ଦ୍ୱିତୀୟ କଥା ହେଲା, ଯେତେବେଳେ କୌଣସି ସ୍ଥାନରେ ଲୋକେ ତୁମର ଉପସ୍ଥିତି ଚାହୁଁଥିବେ, ସେହି ସମୟରେ ହିଁ ସେ ସ୍ଥାନ ପରିତ୍ୟାଗ କରିବାର ପ୍ରକୃଷ୍ଟ ସମୟ। ତା' ଠାରୁ ଅଧିକ ସମୟ ସେଠି ରହିଲେ, ନିଜର ଲୋକପ୍ରିୟତା କମିଯାଏ ଓ ଯୋଉ ଲୋକ ତୁମର ଉପସ୍ଥିତି ଆଜି ଚାହୁଁଛନ୍ତି, ସେହିମାନେ ହିଁ କହିବେ, ଏ ଲୋକଟା ଯାଉନି କାହିଁକି? କେତେଦିନ ଆଉ ଏଠି ରହିବ? ତେଣୁ, ଚାକିରିରେ କେବେ ବି ଏକ୍ସଟେନଶନ ନେବ ନାହିଁ। ଏକଥା ସେ ତାଙ୍କ ସମସ୍ତ ଚାକିରି କାଳରେ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ। କିନ୍ତୁ ଆମେ ଭାବି ନ ଥିଲୁ ଯେ ଚାକିରି କ୍ଷେତ୍ରରେ ପାଳନ କରୁଥିବା ନିୟମଟା ସେ ଜୀବନକ୍ଷେତ୍ରରେ ମଧ୍ୟ ଲାଗୁ କରିଦେବେ। ଏଇ ମହାମାରୀ ସମୟରେ ଆମେ ସମସ୍ତେ ଯେତେବେଳେ ଏକାଠି ଘରେ ଥିଲୁ ଏବଂ ତାଙ୍କର ଉପସ୍ଥିତି ବହୁତ ଚାହୁଁଥିଲୁ, ସେହି ସମୟରେ ହିଁ ସେ ହଠାତ୍ ଚାଲିଗଲେ। ସମାଜରେ ଯେତେବେଳେ ତାଙ୍କର ଲୋକପ୍ରିୟତା ଥିଲା, ସେଇ ସମୟକୁ ହିଁ ସେ ଯିବା ପାଇଁ ବାଛିଲେ। ବୋଧହୁଏ ଭାବିଲେ, ଯଦି ଆଉ ଅଧିକ ଦିନ ଏଠି ରହିବି, ତେବେ ହୁଏତ ଜରା, ରୋଗ କବଳିତ ହେବି ଓ ମୋ ଚାରିପଟର ଲୋକେ ମତେ କହିବେ, ଏ ଲୋକଟା ଯାଉନି କାହିଁକି? କେତେ ଦିନ ଆଉ ଏଠି ରହିବ? ତେଣୁ ସମ୍ପୂର୍ଣ୍ଣ ସୁସ୍ଥସବଳ ଥିବା ଅବସ୍ଥାରେ, ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ଥିବା ବେଳେ ଶେଷ ପର୍ଯ୍ୟନ୍ତ କର୍ମତତ୍ପର ରହି ଶେଷ ବଦଳି ଅର୍ଡର ଆସିବା କ୍ଷଣି ତୁରନ୍ତ ଚାଲିଗଲେ; ଆଉ ଏକ୍ସଟେନଶନ ନେଲେ ନାହିଁ। ସମାଜ ଓ ପ୍ରକୃତିର ସୁଧାର ପାଇଁ ଚିନ୍ତା କରିଥିବା ଅସୁମାରୀ ସ୍ୱପ୍ନକୁ ସାକାର କରିବାର ଉତ୍ତରଦାୟିତ୍ୱ ଆମ ସମସ୍ତଙ୍କୁ ହସ୍ତାନ୍ତର କରିଦେଇ ଶାନ୍ତିରେ ଶେଷ ବଦଳି ଗ୍ରହଣ କଲେ।



(ଦଶାହ ଉପଲକ୍ଷେ ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କୁ ଶ୍ରଦ୍ଧାଞ୍ଜଳି)

# କଟକଣାରେ ହେବ ବଳଦେବଜୀଉଙ୍କ ସ୍ନାନଯାତ୍ରା

କେନ୍ଦୁଝର, ୧୯।୬(ଡି.ଏନ୍.ଏ./ସ୍ୱ.ପ୍ର.)

କରୋନା ସଂକ୍ରମଣ ଦୃଷ୍ଟିରୁ କେବଳ ପୁରୀ ବ୍ୟତୀତ ରାଜ୍ୟର ଅନ୍ୟ ସ୍ଥାନରେ ରଥଯାତ୍ରାକୁ ସରକାର ବାରଣ କରିଛନ୍ତି। ଏ ସମ୍ପର୍କରେ ଜାରି କରାଯାଇଥିବା ଗାଇଡ୍‌ଲାଇନ୍ ଅନୁଯାୟୀ କେନ୍ଦୁଝରର ଆରାଧ୍ୟ ଦେବତା ବଳଦେବଜୀଉଙ୍କର ସ୍ନାନ ଯାତ୍ରା ଓ ରଥଯାତ୍ରାର ନୀତିକାନ୍ତି କୋଭିଡ୍ କଟକଣା ମଧ୍ୟରେ ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଚଳିତ ଜୁନ୍ ୧୯ ତାରିଖ ଶନିବାର ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ମିନି କନ୍‌ଫରେନ୍ସ ହଲ୍ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏସ୍.ପି. ମିତ୍ରଭାନୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ନାୟକ, କେନ୍ଦୁଝର ଉପଜିଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର ରାମଚନ୍ଦ୍ର କିସ୍କୁ, ଏସ୍‌ଡିପିଓ ପି.ଜେ. ଟପୋ, ମୁଖ୍ୟ ଜିଲା ଚିକିତ୍ସାଧିକାରୀ ଡାଃ ଅଶୋକ ଦାଶ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଠକରେ ରଥଯାତ୍ରା ସମ୍ପର୍କିତ ଗାଇଡ୍‌ଲାଇନ୍ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା।



ଜୁନ୍ ୨୪ ତାରିଖରେ ସ୍ନାନ ପୂର୍ଣ୍ଣିମା,ଆଗାମୀ ଜୁଲାଇ ୧୨ ତାରିଖରେ ରଥଯାତ୍ରା, ଜୁଲାଇ ୨୦ ତାରିଖରେ ବାହୁଡା ଯାତ୍ରା ଏବଂ ନିଳାଦ୍ରି ବିଜେ ସଂକ୍ରାନ୍ତୀୟ ନୀତିକାନ୍ତି କୋଭିଡ୍ କଟକଣା ଅନୁପାଳନ ପୂର୍ବକ ସୀମିତ ସଂଖ୍ୟକ ସେବାୟତଙ୍କ ଦ୍ୱାରା ମନ୍ଦିର ପରିସର ଭିତରେ ସମ୍ପନ୍ନ କରିବାକୁ ନିଷ୍ପତ୍ତି ନିଆଯାଇଛି । ସୀମିତ ସଂଖ୍ୟକ ସେବାୟତଙ୍କର ସ୍ନାନ ଯାତ୍ରା, ରଥଯାତ୍ରା ଓ ନିଳାଦ୍ରି ବିଜେ ଦିନର ୪୮ଘଣ୍ଟା ପୂର୍ବରୁ ଆରଟିପିସିଆର ରିପୋର୍ଟ ନେଗେଟିଭ୍ ଥିବା ଆବଶ୍ୟକ। ଏଣୁ ଏ ଦିଗରେ ସେବାୟତ ମାନଙ୍କର କୋଭିଡ୍ ଟେଷ୍ଟ ପାଇଁ ବିହିତ ପଦକ୍ଷେପ ନେବାକୁ ଜିଲାପାଳ ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି।

# କେବୁଲ ଚୋରି: ଜଣେ ଗିରଫ

ଭଦ୍ରକ ଅଫିସ, ୧୯।୬

ଭଦ୍ରକ ରେଲୱେ ପୋଲିସ ଟେଲିକମ୍ କେବୁଲ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ କଳାହାଣ୍ଡିଆ ଗ୍ରାମର ରଜତ କୁମାର ମଲ୍ଲିକ। ଚୋରିରେ ସମ୍ପୃକ୍ତ ଅନ୍ୟ ୩ ଜଣ ଫେରାର ହୋଇଯାଇଛନ୍ତି। ସୂଚନା ଅନୁସାରେ, ଗୁରୁବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ କେନ୍ଦୁଆପଦା ଓ ବାଉଦପୁର ମଝିରେ ଥିବା କପାଳି ରୋଡ୍ ଷ୍ଟେଶନ ନିକଟସ୍ଥ କପାଳି ବ୍ରିଜ୍‌ର ଡାଉନ ଲାଇନରୁ ୩୦ମିଟର ଲମ୍ବର ଟେଲିକମ କେବୁଲ ଚୋରି କରି ନେଇଥିଲେ। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। କୌଣସି ସୂତ୍ରରୁ ଖବର ପାଇ ଏସ୍‌ଆଇ ପ୍ରକାଶ ଚରଣ ଦାସ ଓ ତାଙ୍କ ଟିମ୍ ଚଢ଼ାଉ କରି କେବୁଲ ଉଦ୍ଧାର କରିଥିଲେ। କେବୁଲ ଚୋରିରେ କଳାହାଣ୍ଡିଆ ଗ୍ରାମର ୨ ଓ ଖାନାବାଡ଼ି ଗ୍ରାମର ୨ ଜଣ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା।

# ଶୃଙ୍ଖଳିତ ହେବ ଲକ୍ଷ୍ମୀ ମନ୍ଦିର ପରିଚାଳନା

ଯୋଡ଼ା,୧୯।୬(ଡି.ଏନ୍.ଏ)

କେନ୍ଦୁଝର ଜିଲା ଯୋଡା ସହରର ମଧ୍ୟ ଭାଗରେ ଥିବା ଲକ୍ଷ୍ମୀ ମନ୍ଦିରର ପରିଚାଳନା ନିମନ୍ତେ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମନ୍ଦିରର ପରିଚାଳନା ନେଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରିତ ହୋଇଥିଲା। ମନ୍ଦିର କମିଟିର ସଭାପତି ଦୁଃଶାସନ ସାହୁ, କାବୁ ଜେନା, ନୀଳମଣି ମହାନ୍ତି, ପୁରୁଷୋତ୍ତମ ଦାସ, କାଠିଆ ମହାପାତ୍ର, ଯୋଡ଼ା ସହରର ମହିଳା ଶ୍ରଦ୍ଧାଳୁ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ସମସ୍ତଙ୍କର ମତାମତ ଲୋଡାଯାଇ ଯୋଡ଼ା ଲକ୍ଷ୍ମୀ ମନ୍ଦିର ଏବଂ ଲକ୍ଷ୍ମୀ ପୂଜା ଅବସରରେ ଅନୁଷ୍ଠିତ ହେଉଥିବା ମେଳା କିପରି ରାଜ୍ୟ ସ୍ତରରେ ଜନପ୍ରିୟ ହୋଇ ପାରିବ ଏବଂ ଶୃଙ୍ଖଳିତ ଭାବେ ମନ୍ଦିର ପରିଚାଳନା କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୧୯୬୭ ମସିହାରୁ ଆରମ୍ଭ ହୋଇଥିବା ଏହି ଲକ୍ଷ୍ମୀପୂଜାକୁ ଦୁଃଶାସନ ସାହୁ ପରିଚାଳନା କରିବା ସହିତ ସେ ମନ୍ଦିରର ସଭାପତି ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ଆଗାମୀ ଦିନରେ ମନ୍ଦିର ଏବଂ ମେଳାର ସମ୍ପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବା ପାଇଁ କମିଟିର କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀନିବାସ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା।

# ବନ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍

ବନ୍ତ,୧୯।୬ (ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଚାରିଗାଁ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ଶନିବାର ଆଗରପଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ବନମାଳି ବେହେରାଙ୍କ ସଭାପତିତ୍ୱ ଓ ଶିକ୍ଷାବିତ୍ ରଥ ବେହେରାଙ୍କ ସଞ୍ଚାଳନରେ ଆୟୋଜିତ କାର୍ଯ୍ୟକ୍ରମରେ ଆଗରପଡ଼ା ଦମକଳ କେନ୍ଦ୍ର ଅଧିକାରୀ ସଞ୍ଜୀବ ପ୍ରଧାନ ଏବଂ କର୍ମଚାରୀମାନେ ମକ୍‌ଡ୍ରିଲ କରାଇଥିଲେ। ଟାସ୍କଫୋର୍ସ କମିଟିର ଯୁବ ସଭ୍ୟମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ସୁରକ୍ଷା ଦେବା ଓ ଉଦ୍ଧାର କରାଯିବାର କୌଶଳ ବିଷୟରେ କୁହାଯାଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବୀରକିଶୋର ନାୟକ, ପୂର୍ବତନ ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ୱାର୍ଡସଭ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦଳ ଭର୍ତ୍ତି ସିନ୍ଧୁକେଶ୍ୱରଙ୍କ ପୋଖରୀ



ସିନ୍ଧୁକେଶ୍ୱରଙ୍କ କୁଣ୍ଡ ପୋଖରୀରେ ଦଳ ମାଡ଼ି ଯାଇଛି।

ବନ୍ତ,୧୯।୬(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକର ପ୍ରସିଦ୍ଧ ଶୈବପୀଠ ଅଣିଜୋ ସ୍ଥିତ ବାବା ସିନ୍ଧୁକେଶ୍ୱରଙ୍କ କୁଣ୍ଡ ପୋଖରୀ ଦଳରେ ପୂର୍ଣ୍ଣ ହୋଇ ରହିଛି। ପୂର୍ବରୁ ଭକ୍ତମାନେ ଏହି ପୋଖରୀରେ ସ୍ନାନ କରିବା ସହ କୁଣ୍ଡ ଜଳକୁ ଅଞ୍ଚଳବାସୀ ବ୍ୟବହାର କରୁଥିଲେ। ଏବେ କିଛିବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ କୁଣ୍ଡ ପୋଖରୀ ଦଳରେ ପୂର୍ଣ୍ଣ ହେବା ସହ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି।

ପ୍ରକାଶ ଯେ, ୨୦୧୮-୧୯ ଆର୍ଥିକ ବର୍ଷରେ ପଞ୍ଚାୟତ ପକ୍ଷରୁ ୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇ ଏହି ପୋଖରୀରୁ ଦଳ ସଫା କାର୍ଯ୍ୟ ଆରମ୍ଭ ହୋଇଥିଲା। ୪ ଦିନ ଧରି ସଫେଇ କାର୍ଯ୍ୟ ଚାଲିଥିବା ବେଳେ ପଞ୍ଚମ ଦିନ ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ସେତେବେଳର କନିଷ୍ଠ ଯନ୍ତ୍ରୀ ସଫେଇ କାର୍ଯ୍ୟ ବନ୍ଦ କରିଥିଲେ ବୋଲି କହିଛନ୍ତି ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ ବେହେରା। ଏହି ପୋଖରୀ ମନ୍ଦିର ନାମରେ ରହିଛି। ଏହା ସରକାରୀ କିମ୍ବା ପଞ୍ଚାୟତ ପୋଖରୀ ହୋଇ ନ ଥିବାରୁ ସଫେଇ ପାଇଁ ପଞ୍ଚାୟତ ଅର୍ଥ ଖର୍ଚ୍ଚ କରାଯାଇ ପାରିବ ନାହିଁ ବୋଲି ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ଏଣୁ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଉକ୍ତ ଯନ୍ତ୍ରୀ କହିଥିଲେ। ଅର୍ଦ୍ଧାଧିକ ସଫେଇ ହୋଇଥିଲେ ବି ବନ୍ଦ ରହିବାରୁ ପୁଣି ପୋଖରୀରେ ଦଳ ମାଡ଼ି ଯାଇଥିବା ସରପଞ୍ଚ କହିଛନ୍ତି। ଏହି ଶୈବପୀଠକୁ ପ୍ରତ୍ୟେହ ବିଭିନ୍ନ ଅଞ୍ଚଳରୁ ଭକ୍ତ ଆସୁଥିବାରୁ ପୀଠର ସୌନ୍ଦର୍ଯ୍ୟକରଣ ଓ ପୋଖରୀରେ ଭକ୍ତମାନଙ୍କ ସ୍ନାନ ପାଇଁ ଦଳ ସଫା ପ୍ରତି ଗୁରୁତ୍ୱ ଦିଆଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଚିକିତ୍ସକ ସଂଘର ପ୍ରତିବାଦ ସଭା

ଭଦ୍ରକ ଅଫିସ,୧୯।୬

ଭାରତୀୟ ଚିକିତ୍ସକ ସଂଘ (ଆଇଏମ୍ଏ) ଭଦ୍ରକ ଶାଖା ପକ୍ଷରୁ ପ୍ରତିବାଦ ସଭା ଡା. ରବୀନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଗୀତାଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଡା. ହରେକୃଷ୍ଣ ନାୟକ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ନିର୍ଯାତନାକୁ ନେଇ ଉଦ୍‌ବେଗ ପ୍ରକଟ କରିବା ସହ ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରସ୍ତାବ ଆଗତ କରିଥିଲେ। ମହାମାରୀରୁ ରକ୍ଷା ପାଇବା ପାଇଁ ଅଳ୍ପ ସଂଖ୍ୟକ ଡାକ୍ତରଙ୍କୁ ନେଇ ସରକାର ଉପଯୁକ୍ତ ସେବା ଯୋଗାଇବା ନିମନ୍ତେ ପ୍ରୟାସ କରୁଥିବା ବେଳେ ଡାକ୍ତରମାନଙ୍କ ପ୍ରତି ଏତାଦୃଶ ବ୍ୟବହାର ସେମାନଙ୍କୁ ମାନସିକ ସ୍ତରରେ ଆଘାତ ଦେଉଚି। ଏହାର ସ୍ଥାୟୀ ସମାଧାନ ସହ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରାଯାଇଛି। ଏ ନେଇ ଶାଖା ପକ୍ଷରୁ ଏକ ଦାବିପତ୍ର ଇ-ମେଲ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ପ୍ରତିବାଦ ସଭାରେ ଡା. ପୂର୍ଣ୍ଣଚନ୍ଦ୍ର ଦାସ, ଡା. ଝସକେତନ ମହାନ୍ତି, ଡା. ଶତ୍ରୁଘ୍ନ ହାତୀ, ଡା. ପ୍ରଦୀପ ନାୟକ, ଡା. ଅଧର ନାୟକ, ଡା. ସନ୍ତୋଷ ଜେନା, ଡା. ଦୀପକ ଜେନା, ଡା. ସୁଶାନ୍ତ ସାମନ୍ତ, ଡା. ରଞ୍ଜିତ ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ।

# ବୃଦ୍ଧାଙ୍କ ଶେଷକୃତ୍ୟ କଲା ସାମାଜିକ ସଙ୍ଗଠନ

ଭଦ୍ରକ ଅଫିସ,୧୯।୬

**କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ପୁଅବୋହୂ**

ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ପୁଅ ବୋହୂ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏପଟେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ବୃଦ୍ଧା ମା'ଙ୍କ ମୃତ୍ୟୁ ଘଟିଛି। ଜେଜେମା'ଙ୍କ ଅନ୍ତ୍ୟେଷ୍ଟିକ୍ରିୟା କିପରି ହେବ ସେକଥା ଭାବି ବାହୁନି ହୋଇ କାନ୍ଦୁଥିଲେ ପାଖରେ ଥିବା ନାତୁଣୀ। ଏହା ଦେଖି ବୃଦ୍ଧାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ଆଗେଇ ଆସିଥିଲା ଭଦ୍ରକର ସମାଜସେବୀ ମହାସଂଘ। ଏହି ସାମାଜିକ ସଙ୍ଗଠନର ସଦସ୍ୟମାନେ ଶେଷକୃତ୍ୟ କରାଇଥିଲେ।

ପ୍ରକାଶ ଯେ, ମଧୁମେହରେ ପୀଡ଼ିତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ ଭଦ୍ରକ ପାଳିଆ ଅଞ୍ଚଳର ଝୁମୁରି ବେହେରା(୭୦)। ଗୁରୁବାର ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ପୁଅ ବୋହୂ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏଭଳି ସ୍ଥିତିରେ ଝୁମୁରିଙ୍କ ପାଖରେ ଥିବା ଏକମାତ୍ର ନାତୁଣୀ ଅସହାୟ ହୋଇପଡ଼ିଥିଲେ। ଏହି ଖବର ପାଇ ସମାଜସେବୀ ମହାସଂଘର ସଦସ୍ୟମାନେ ଭଦ୍ରକ ଡାକ୍ତରଖାନାରେ ପହଞ୍ଚି ଅନ୍ତିମ ସଂସ୍କାର ପ୍ରସ୍ତୁତି ଆରମ୍ଭ କରିଥିଲେ। ମେଡିକାଲରୁ ମୃତଶରୀରକୁ କୋକେଇରେ ସ୍ଥାନୀୟ ଗାନ୍ଧୀପଡ଼ିଆ ଶ୍ମଶାନ ଘାଟକୁ ନିଆଯାଇଥିଲା। ସେଠାରେ ମହାସଂଘର ଅପୂର୍ବ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ସଦସ୍ୟମାନେ ଶେଷକୃତ୍ୟ କରିଥିଲେ।

|| Sradhanjali ||



26. 07. 1945 - 17. 06. 2021

With fathomless grief and a heavy heart, we convey the heartbreaking message of sudden demise of our mother **Smt. Nirmala Dhir** (spouse of Sri Nrusingha Charan Dhir), who left for her heavenly abode, on Thursday, 17 June 2021 (Time : 7.36PM).

Aggrieved
Satyabrata Dhir, Debabrata Dhir, Priyabrata Dhir,
Nibedita Dhir & Madhusmita Dhir & Family

**ଜମିରେ ହଳ କରିବାକୁ କେନ୍ଦ୍ର କରି ସଂଘର୍ଷ : ୫ ଗୁରୁତର**

**ସୋର,(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅନନ୍ତପୁର ପଞ୍ଚାୟତ ଅଇଁରୀ ନାଥ ସାହିରେ ଶନିବାର ଜମିରେ ହଳ କରିବାକୁ କେନ୍ଦ୍ର କରି ଦୁଇ ଭାଇଙ୍କ ପରିବାର ମଧରେ ସଂଘର୍ଷ ଘଟି ୫ଜଣ ଗୁରୁତର ଆହତ ହୋଇଛନ୍ତି। ଶ୍ରୀଧର ନାଥ ତାଙ୍କ ଜମିରେ ହଳ କରିବାକୁ ତାଙ୍କ ବଡ ଭାଇ ଭଗବାନ ନାଥଙ୍କ ଜମିରେ ଥିବା ବାଡ ଉଠାଇ ଟ୍ରାକ୍ଟର ନେଉଥିବା ବେଳେ ଭଗବାନଙ୍କ ପରିବାର ଲୋକେ ଟ୍ରାକ୍ଟରକୁ ଅଟକାଇଥିଲେ। ଦୁଇ ପରିବାର ମଧରେ ମରଣାନ୍ତକ ଆକ୍ରମଣ ହୋଇ ୫ଜଣ ଗୁରୁତର ହୋଇଛନ୍ତି।

# ‘ଯୋଗ୍ୟ ହିତାଧିକାରୀ ବାଦ୍ ନ ପଡନ୍ତୁ’

**‘ୟାସ୍’ କ୍ଷୟକ୍ଷତି ସମୀକ୍ଷା**

ବାଲେଶ୍ୱର ଅଫିସ,୧୯।୬

ବାଲେଶ୍ୱର ଜିଲା ଓସୱାନ୍ ହଲରେ ଶନିବାର ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଭର୍ଚୁଆଲ ମୋଡ଼ରେ ‘ୟାସ୍’ ବାତ୍ୟା ଜନିତ କ୍ଷୟକ୍ଷତି ଓ ପୁନରୁଦ୍ଧାର କାର୍ଯ୍ୟ ନେଇ ସମୀକ୍ଷା କରିଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁଙ୍କ ସହ ଅଳ୍ପ କେତେଜଣ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ସମେତ ସମସ୍ତ ବ୍ଲକର ବିଡିଓ, ତହସିଲଦାର ଓ ବିଭାଗୀୟ ଅଧିକାରୀମାନେ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇ ଆଲୋଚନାରେ ଭାଗ ନେଇଥିଲେ।


ବୈଠକରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀ।

ବିଶେଷ କରି ବାତ୍ୟା ‘ୟାସ’ ପୂର୍ବରୁ ଏବଂ ପରେ ଜିଲା ପ୍ରଶାସନ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ସମୀକ୍ଷା କରିଥିଲେ। ପ୍ରତି ବ୍ଲକରେ ଥିବା ଆଶ୍ରୟସ୍ଥଳୀ, ସ୍ଥାନାନ୍ତର ହୋଇଥିବା ଲୋକସଂଖ୍ୟା, ସେମାନଙ୍କୁ ପ୍ରଦାନ କରାଯାଇଥିବା ରନ୍ଧା ଓ ଶୁଖିଲା ଖାଦ୍ୟ, ରିଲିଫ୍ ଚାଉଳ, ବାତ୍ୟା ପରେ ଭାଙ୍ଗିଥିବା ଘର ସଂଖ୍ୟା, ବଣ୍ଟନ କରାଯାଇଥିବା ପଲିଥିନ ବିଷୟରେ ସମ୍ପୃକ୍ତ ବିଡିଓ ଓ ତହସିଲଦାରମାନଙ୍କୁ ସେ ପଚାରି ବୁଝିଥିଲେ। କୃଷି ବିଭାଗର ସୂଚନା ଅନୁସାରେ ଚଳିତବର୍ଷ ବାତ୍ୟାରେ ୨୧୭ହେକ୍ଟର ଜମିରେ ଲୁଣିପାଣି ମାଡ଼ି କ୍ଷତି ହୋଇଛି। ଏହାର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଚକସାର୍ଥା ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ଲୁଣି ପାଣି ଜମି ରହିଥିବା ବିସ୍ତୀର୍ଣ୍ଣ ଅଞ୍ଚଳରୁ ଜଳ ନିଷ୍କାସନ ବ୍ୟବସ୍ଥା, ବାଲିଆପାଳ, ସାର୍ଥା, ସୋରର ଅନନ୍ତପୁର ଓ ସିମୁଳିଆଠାରେ ବାତ୍ୟା ପାଇଁ ଲାଗିଥିବା ଲୁଣିଜଳରୁ ମଧୁର ଜଳ ପ୍ରସ୍ତୁତ କରିପାରୁଥିବା ମେଶିନ ବିଷୟରେ ପଚାରି ବୁଝିଥିଲେ। ବିଦ୍ୟୁତ୍ ବିଭାଗର କ୍ଷୟକ୍ଷତି ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ବନ୍ଧରେ ସମୀକ୍ଷା କରିବା ସହିତ ପର୍ଯ୍ୟଟନସ୍ଥଳୀ ଉଦୟପୁରଠାରେ ରାସ୍ତା ଉପରୁ ପିଚୁ ଉଠିଯିବା, ତାଳସାରୀ ଉଦୟପୁରରେ ଶହ ଶହ ଦୋକାନ ଧୋଇ ହୋଇଯିବା ଘଟଣା ନେଇ କେନ୍ଦ୍ରମନ୍ତ୍ରୀ ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ। ସମସ୍ତ ଭୂମିହୀନକୁ ଜମି ଦେବା ପାଇଁ ବ୍ୟବସ୍ଥା କରାଯାଉ ଏବଂ ବାତ୍ୟା କ୍ଷୟକ୍ଷତି ତାଲିକା ପ୍ରସ୍ତୁତି ସମୟରେ କ୍ଷତିପୂରଣ ପାଇବା ଦିଗରେ ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ନ୍ତି ସେ ଦିଗରେ ପ୍ରଶାସନ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଦେବାଶିଷଙ୍କୁ ଝୁରୁଛି ଜନ୍ମମାଟି


ଡ. ଦେବାଶିଷ ପାଣିଗ୍ରାହୀଙ୍କ ବିୟୋଗରେ କୈଳାସ ଚନ୍ଦ୍ର ହାଇସ୍କୁଲରେ ଶୋକସଭା କରାଯାଉଛି।

ବାଲେଶ୍ୱର ଅଫିସ/ ସଜନାଗଡ଼, ୧୯।୬(ଡି.ଏନ.ଏ.)

ବରିଷ୍ଠ ଆଇପିଏସ୍ ଅଫିସର ତଥା ଭିଜିଲାନ୍ସ ନିର୍ଦ୍ଦେଶକ ଡ. ଦେବାଶିଷ ପାଣିଗ୍ରାହୀଙ୍କ ଅକାଳ ବିୟୋଗରେ ଜନ୍ମମାଟି ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅଧୀନ ସାନଅତା ଗ୍ରାମ ସ୍ତବ୍ଧ ପାଲଟିଯାଇଛି। ୧୯୬୫ ଅଗଷ୍ଟ ୨୯ରେ ଜନ୍ମିତ ସ୍ୱର୍ଗତ ବୃନ୍ଦାବନ ପାଣିଗ୍ରାହୀଙ୍କ ୪ର୍ଥ ସନ୍ତାନ ଦେବାଶିଷ ପିଲାବେଳୁ ମେଧାବୀ ଥିଲେ। ପାଠପଢ଼ା ବ୍ୟତୀତ ତବଲା ବଜାଇବା, ରଚନା ଲେଖିବା, ବକ୍ତୃତା, ଅଭିନୟ ଆଦି କ୍ଷେତ୍ରରେ ସେ ଆଗଭର ଥିଲେ। ଏଭଳି ସୁଯୋଗ୍ୟ ସନ୍ତାନକୁ ହରାଇ ଆଜି ଝୁରୁଛି ଜନ୍ମମାଟି।

ନୀଳଗିରିରୁ ଆରମ୍ଭ ହୋଇଥିଲା ତାଙ୍କର ଶିକ୍ଷା ଜୀବନ । ସାନଅତା ପ୍ରାଥମିକ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ପରେ କୈଳାସ ଚନ୍ଦ୍ର ହାଇସ୍କୁଲରୁ ୧୯୮୧ରେ ଦଶମ ପାସ୍ କରିଥିଲେ। ପରେ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟରେ ଇଣ୍ଟରମେଡିଏଟ୍, ରେଭେନ୍ସା କଲେଜରୁ ରାଜନୀତି ବିଜ୍ଞାନରେ ସ୍ନାତକ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷାପରେ ଦିଲ୍ଲୀର ଜେଏନ୍‌ୟୁରେ ଏମ୍‌ଫିଲ୍ ଓ ପିଏଚ୍‌ଡ଼ି କରିଥିଲେ। ୧୯୯୧ରେ ଭାରତୀୟ ପୋଲିସ ସେବାରେ (ଆଇପିଏସ୍) ଯୋଗ ଦେଇଥିଲେ। ବିଭିନ୍ନ ପଦପଦବୀରେ ନିଜ ଦକ୍ଷତା ପ୍ରତିପାଦିତ କରିଥିବା ଦେବାଶିଷ ୨୦୧୭ରୁ ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଆସୁଥିଲେ।

**ସାହିତ୍ୟରେ ସ୍ୱତନ୍ତ୍ର ଛାପ**

ସାହିତ୍ୟ କ୍ଷେତ୍ରରେ ତାଙ୍କର ଥିଲା ଗଭୀର ଅନୁଶୀଳନ। ଓଡ଼ିଆ ଓ ଇଂଲିସ ଭାଷାରେ ୯ଟି କ୍ଷୁଦ୍ର ଗଳ୍ପ ସଂକଳନ, ୭ଟି ଉପନ୍ୟାସ ଓ ଅନେକ ଗୀତି କବିତା ରଚନା କରିଯାଇଛନ୍ତି। ତାଙ୍କ ଗୀତିକବିତାକୁ ନେଇ ଅନେକ ଭିଡିଓ ଏବଂ ଆଲବମ୍ ମଧ୍ୟ ପ୍ରସ୍ତୁତ ହୋଇଛି। ସେଥିମଧ୍ୟରୁ ଜହ୍ନରାତି ବେଶ୍ ଲୋକପ୍ରିୟ। ୨୦୦୨ରେ ଗଳ୍ପ ପାଇଁ ଓଡ଼ିଶା ସାହିତ୍ୟ ଏକାଦେମୀ ପୁରସ୍କାର ପାଇଥିବା ବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ତଥା ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କର ପୁସ୍ତକ ‘ଥିଙ୍ଗ୍‌ସ ଲେଫ୍‌ଟ ଅନସେଡ୍’ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ରସ୍କିନ୍ ବଣ୍ଡ୍ ଏବଂ ମନୋଜ ଦାସଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।

## ସାଙ୍ଗସାଥୀ ମହଲରେ ନୈରାଶ୍ୟ

ସହପାଠୀ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ କହିଛନ୍ତି, ନୀଳଗିରି ମାଟି ତା’ର ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇଛି। ସେ ଜଣେ ସଫଳ ଲେଖକ ଓ ଦୟାଳୁ ମଣିଷ ଥିଲେ। କେସି ହାଇସ୍କୁଲରେ ପଢ଼ିବା ବେଳେ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ଥିଲେ ଆଇନ୍‌ଜୀବୀ ସୂର୍ଯ୍ୟନାରାୟଣ ଆଇଚ। ସେ କୁହନ୍ତି, ମୃତ୍ୟୁର ମାସକ ପୂର୍ବରୁ ସେ ଦେବାଶିଷଙ୍କ ସହ କଥା ହୋଇଥିଲେ। ତାଙ୍କ ଭଳି ବନ୍ଧୁ ମିଳିବା ବିରଳ। ସ୍କୁଲ ଜୀବନରୁ ଆରମ୍ଭ କରି ଭିଜିଲାନ୍ସ ନିର୍ଦ୍ଦେଶକ ହେବା ପର୍ଯ୍ୟନ୍ତ କୌଣସି ସମୟରେ ଫୋନ୍ କଲେ ସେ ସଙ୍ଗେ ସଙ୍ଗେ ପ୍ରତ୍ୟୁତ୍ତର ଦେବା ସହ ଅନ୍ୟ ସାଙ୍ଗମାନଙ୍କ ବିଷୟରେ ମଧ୍ୟ ପଚାରିଥାନ୍ତି। ତାଙ୍କୁ ହରାଇ ସାଙ୍ଗ ମୃତ୍ୟୁଞ୍ଜୟ ଦାସ, ବିନୋଦ ମହାପାତ୍ର, ଜୀବନ ମହାପାତ୍ର, ଦୀପକ ଜେନା, ରାମକୃଷ୍ଣ ଜେନା, ହରିହର ନାୟକ, ରାଜେଶ ମହାନ୍ତି, ଚିତ୍ତରଞ୍ଜନ ଜେନା ପ୍ରମୁଖ ଦୁଃଖରେ ଭାଙ୍ଗିପଡିଛନ୍ତି।

କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ମୃତ୍ୟୁ ଖବର ପାଇ ମର୍ମାହତ ହେବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ କହିଛନ୍ତି, ନୀଳଗିରି ମାଟି ଜଣେ ବରପୁତ୍ରକୁ ହରାଇଲା। ଏଭଳି କଠିନ ସମୟରେ ସମ୍ମୁଖୀନ ହେବାକୁ ଠାକୁରେ ତାଙ୍କ ପରିବାରକୁ ଶକ୍ତି ପ୍ରଦାନ କରନ୍ତୁ।

ଡ. ପାଣିଗ୍ରାହୀ ପରିବାରଙ୍କର ସଜନାଗଡ଼ ମା’ ଭୂଧାରଚଣ୍ଡୀ ଦେବୀଙ୍କ ଉପରେ ଦୃଢ଼ ବିଶ୍ୱାସ ରହିଥିଲା ଏବଂ ସେମାନେ ମନ୍ଦିର ସହ ଜଡ଼ିତ ଥିଲେ। ତାଙ୍କ ମରଶରୀର କଲିକତାରୁ ଫେରିବା ବେଳେ ଶନିବାର ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ସ୍ଥିତ ବାମପଦା ଛକରେ ଜିଲା ଭିଜିଲାନ୍ସ ଏସ୍‌ପି ସନ୍ତୋଷ କୁମାର ମିଶ୍ରଙ୍କ ନେତୃତ୍ୱରେ ସମସ୍ତ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ବେଆଇନ ବାଲି ଚାଲାଣ: ୩ ହାଇୱା ଜବତ

ସାରସକଣା,୧୯।୬-ପଶ୍ଚିମବଙ୍ଗରୁ ମୟୂରଭଞ୍ଜ ବେଆଇନ ବାଲି ଚାଲାଣ ବେଳେ ଧରାପଡ଼ିଛି ୩ ହାଇୱା। ଜାମଶୋଳାସ୍ଥିତ ହାତିବାରୀ ପୋଲିସ ଚେକ ପଏଣ୍ଟ ନିକଟରେ ସାରସକଣା ତହସିଲଦାର ସତ୍ୟବାନ ନାୟକ ୩ ବାଲି ବୋଝେଇ ହାଇୱା ଜବତ କରିଥିଲେ। ୨ ହାଇୱାଠାରୁ ୩୫,୭୨୦ ଏବଂ ଅନ୍ୟ ଏକ ହାଇୱାର ଘୋଡ଼ଣି ନ ଥିବାରୁ ୩୦,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ଲଗାତାର ପଶ୍ଚିମବଙ୍ଗରୁ ହାଇୱା ଯୋଗେ ମୟୂରଭଞ୍ଜକୁ ବାଲି ଚାଲାଣ ଚାଲିଛି। ବାଲି ଚାଲାଣ ସମୟରେ କୌଣସି ହାଇୱାରେ ଘୋଡ଼ଣି ଢାଙ୍କୁ ନ ଥିବାବେଳେ ଦ୍ରୁତ ଗତିରେ ଯିବାଆସିବା କରିବା ଦ୍ୱାରା ବାଇକ୍ ଚାଳକ ଏବଂ ସାଧାରଣ ଲୋକେ ଅସୁବିଧାରେ ପଡୁଥିବା ଅଭିଯୋଗ ହେଉଛି।

## ଡିବିରି ନିଆଁରେ ପୋଡ଼ି ଗୁରୁତର ବୃଦ୍ଧଙ୍କ ମୃତ୍ୟୁ

ରାଇରଙ୍ଗପୁର,୧୯।୬ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଁଳାଡୁବା ବସ୍ତି ଅଞ୍ଚଳରେ ଡିବିରି ନିଆଁରେ ପୋଡ଼ି ଗୁରୁତର ଥିବା ଅଶୋକ କୁମାର ଗୋପ ନାମକ ବୃଦ୍ଧଙ୍କ ଶନିବାର ମୃତ୍ୟୁ ଘଟିଛି। ରାଇରଙ୍ଗପୁର ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୯/୨୦୨୧) ରୁଜୁ କରାଯାଇଛି।

ସୂଚନାଯୋଗ୍ୟ, ଗତ ୬ ତାରିଖ ରାତିରେ ଅଶୋକ ଘରେ ଶୋଇଥିବା ବେଳେ ବିଛଣା ପାର୍ଶ୍ୱରେ ଥିବା ଡିବିରି ନିଆଁ ଲାଗି ପୋଡ଼ିଯାଇ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ।

# ୧୦ ଲକ୍ଷ ଲୁଟ୍ ଘଟଣା: ୬ ଗିରଫ


ଗିରଫ ୬ ଅଭିଯୁକ୍ତ ଓ ଜବତ ଟଙ୍କା, ଲାଇସେନ୍ସପ୍ରାପ୍ତ ବନ୍ଧୁକ।

ସଜନାଗଡ଼, ୧୯।୬(ଡି.ଏନ.ଏ.)

ବାଲେଶ୍ୱର ସହର ମୋତିଗଞ୍ଜ ବଜାରର ଅଳଙ୍କାର ଜୁଏଲେରୀ ମାଲିକ ଦୀନେଶ ସଙ୍ଘିଙ୍କଠାରୁ ଗତ ଗୁରୁବାର ୧୦ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ନୀଳଗିରି ପୋଲିସ ମାଷ୍ଟରମାଇଣ୍ଡଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫ ଲକ୍ଷ ୫୧ ହଜାର ଟଙ୍କା ଓ ବନ୍ଧୁକ ଜବତ କରାଯାଇଛି। ଏନେଇ ଶନିବାର ସନ୍ଧ୍ୟାରେ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନୀଳଗିରି ଏସ୍‌ଡିପିଓ ରୀତେଶ ମହାପାତ୍ର ସୂଚନା ଦେଇଛନ୍ତି।

ନୀଳଗିରି ଥାନା ଅଧୀନ ଦ୍ୱାରିକା

**୫ଲକ୍ଷ ୫୧ହଜାର ଟଙ୍କା ଓ ବନ୍ଧୁକ ଜବତ**

ଛକରେ ଦୁର୍ବୃତ୍ତମାନେ ଏହି ଲୁଟ୍ କରିଥିଲେ। ଏନେଇ ନୀଳଗିରି ଥାନାରେ ମାମଲା (ନଂ. ୧୫୨/୨୧)ରୁଜୁ କରାଯାଇ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ନୀଳଗିରି ଏସଡିପିଓ ମହାପାତ୍ର ୨ଗୋଟି ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ସହଦେବଖୁଣ୍ଟା ଅଞ୍ଚଳର ଯତୀନ ପ୍ରଧାନ ଓ ପ୍ରଦୀପ କୁମାର ପ୍ରଧାନ, ନୀଳଗିରି ଥାନା ରାଜନଗର ଗ୍ରାମର ଚନ୍ଦ୍ରକାନ୍ତ ମହାପାତ୍ର, ଘାଟଘରସାହି ଗ୍ରାମର ସୁରେନ୍ଦ୍ର ପ୍ରଧାନ, ନୀଳଗିରି ଗୁହାଳିଆ ଗ୍ରାମର ମଧୁସୂଦନ ବେହେରା, ଦ୍ୱାରିକା ଗ୍ରାମର ସୁଶାନ୍ତ ବାରିକଙ୍କୁ ଗିରଫ କରାଯାଇଛି । ଏହି ଘଟଣାରେ ବ୍ୟବହୃତ ହୋଇଥିବା ୨ଟି ବାଇକ୍‌କୁ ମଧ୍ୟ ଜବତ କରାଯାଇଛି। ଲୁଟ୍ ଘଟଣାର ସୂତ୍ରଧର ଖନ୍ତାପଡ଼ା ଥାନା ଅଧିନସ୍ଥ ବଡ଼ଗାଁର ଶିବା ମଳିକ ଫେରାର ଥିବା ବେଳେ ଅନ୍ୟ ୩ଜଣ ମଧ୍ୟ ଫେରାର ଥିବା ଏସ୍‌ଡିପିଓ ମହାପାତ୍ର ସୂଚନା ଦେଇଛନ୍ତି। ଚଢ଼ାଉରେ ଆଇଆଇସି ପ୍ରଭଞ୍ଜନ ବେହେରା, ସବ୍‌ଇନ୍ସପେକ୍ଟର ବାସୁଦେବ ଜୟସିଂହ, ସସ୍ମିତା ମଲିକ, ଏଏସ୍‌ଆଇ ଶରତ ଧଳ, ଟାଉନ ହାବିଲଦାର ଯଦୁନାଥ ସେଠୀ ସାମିଲ ଥିଲେ।

# ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ମାମଲା ରୁଜୁ, ସ୍ୱାମୀ ଗିରଫ**

ରସାଲପୁର,୧୯।୬(ଡି.ଏନ.ଏ.)

ବାଲେଶ୍ୱର ସଦର ଥାନା ଅଧୀନ ଖାନନଗର ଗ୍ରାମର ଜଣେ ନବବଧୂଙ୍କ ମୃତ୍ୟୁକୁ ନେଇ ସଦର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ସ୍ୱାମୀଙ୍କୁ ଗିରଫ କରିଥିବା ବେଳେ ଶାଶୁ, ଶ୍ୱଶୁର ସମେତ ଦିଅରଙ୍କୁ ଅଟକ ରଖିଛି।

ଖାନନଗର ଗ୍ରାମର ରବି ଦଳେଇଙ୍କ ପୁଅ ସନ୍ତୋଷ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଗଡ଼ଦେଉଳିଆ ଗ୍ରାମର ନୟନା ରଣା(୧୯) ଙ୍କୁ ୨୦୨୦ ଜୁନ୍‌ରେ ବିବାହ କରିଥିଲେ। ବାହାଘରର କିଛିଦିନ ପରେ ଶାଶୁ, ଶ୍ୱଶୁର ଓ ସ୍ୱାମୀ ଅଧିକ ଯୌତୁକ ବାପ ଘରୁ ଆଣିବା ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଗତ ଶୁକ୍ରବାର କୌଣସି ଘଟଣାକୁ ନେଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ନୟନା ଅପରାହ୍ନ ସାଢେ ଗୋଟାଏ ବେଳେ ତାଙ୍କ ମା’ ସତ୍ୟଭାମା ରଣାଙ୍କୁ ଫୋନ୍ କରିଥିଲେ। ସ୍ୱାମୀ, ଶାଶୁ, ଶ୍ୱଶୁର ତାଙ୍କୁ ମାରପିଟ୍ କରିବା ସହ ଅଧିକ ଯୌତୁକ ଦାବି କରି ମାରପିଟ୍ କରୁଥିବା କହି ବାପଘର ଲୋକଙ୍କୁ ଡାକିଥିଲେ। ମା’ ଓ ବାପା ଘରେ ପହଞ୍ଚି କେହି ନ ଥିବା ଦେଖିଥିଲେ। ତାଙ୍କ ଝିଅକୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ପଡୋଶୀଙ୍କଠାରୁ ଜାଣି ସେମାନେ ଡାକ୍ତରଖାନାରେ ପହଞ୍ଚିଥିଲେ। ସେଠାରେ ଡାକ୍ତର ନୟନାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସଦର ଥାନାରେ ମା’ ସତ୍ୟଭାମା ତାଙ୍କ ଝିଅକୁ ଯୌତୁକ ଦାବିରେ ଶାଶୁଘର ପରିବାର ଲୋକେ ମାନସିକ ନିର୍ଯାତନା ଦେବା ସହିତ ତଣ୍ଟି ଚିପି ହତ୍ୟା କରି ବିଷ ପିଆଇ ଦେଇଥିବା ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ସଦର ଥାନାରେ ମାମଲା (ନଂ. ୨୧୯/୨୧) ରୁଜୁ କରାଯାଇଛି।

## ପୁରାତନ ଛାତ୍ରୀଛାତ୍ର ଦାନ କଲେ ୫ଲକ୍ଷ

ଜଳେଶ୍ୱର, ୧୯।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧୀନ ଶାନ୍ତିଆ ଗ୍ରାମରେ ଥିବା ଶ୍ରୀନାଥଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ ୫ଲକ୍ଷ ଟଙ୍କା ବିଦ୍ୟାଳୟକୁ ଦାନ କରିଛନ୍ତି । ଏହି ଅର୍ଥରାଶିକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରୁଣ କୁମାର ବେଜ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରାଚୀତନୟା ଗିରିଙ୍କୁ ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମ ବେଳେ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ବାରିକ, ସମୀର ନନ୍ଦୀ, ସନତ କରଣ, ଶତ୍ରୁଘ୍ନ ମହାନ୍ତି, ବିନୋଦ ବିହାରୀ ଡଗର ପ୍ରମୁଖଙ୍କ ସହିତ ବିଆର୍‌ସିସି ଲଲାଟେନ୍ଦୁ କେଶରୀ ଜେନା, ଏବିଇଓ ସୁଶାନ୍ତ କୁମାର ଜେନା ଓ ଅଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଅସହାୟଙ୍କୁ ଭେଟିଲେ ପର୍ଯ୍ୟଟନ ମନ୍ତ୍ରୀ


ଭାନୁମତୀ ଓ ୩ ସନ୍ତାନଙ୍କ ସହ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।

ଖଇରା, ୧୯।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଳିପୁର ଗ୍ରାମରେ ୩ ସନ୍ତାନ ଓ ସ୍ତ୍ରୀ ଛାଡି ଆରପାରିକୁ ଚାଲିଗଲେ ଏକ ମାତ୍ର ରୋଜଗାରକ୍ଷମ ପ୍ରଭାକର ସେଣ୍ଠ। ଏଭଳି ପରିସ୍ଥିତିରେ ଦୁଃଖରେ ମ୍ରିୟମାଣ ହୋଇପଡିଥିବା ପ୍ରଭାକରଙ୍କ ସ୍ତ୍ରୀ ଭାନୁମତୀ ଓ ୩ ସନ୍ତାନକୁ ଶନିବାର ଅପରାହ୍ନରେ ଭେଟିଛନ୍ତି ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ।ସରକାରୀ ସ୍ତରରେ ଯାହା କିଛି ଆର୍ଥିକ ସହାୟତା ମିଳିପାରିବ ଯଥାସମ୍ଭବ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେହିଭଳି ପିଲାମାନଙ୍କର ପଢା ଖର୍ଚ୍ଚ ବହନ ପାଇଁ ସେ ଆଶ୍ୱାସନା ଦେଇଥିଲେ । ସ୍ଥାନୀୟ ବିଜେଡି ନେତା ସୁଶାନ୍ତ ବେହେରା, ଜୟନ୍ତ ପାତ୍ର, ବାବୁଲି ସେଣ୍ଠ, ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟର ଅଧ୍ୟାପକ ଆଲୋକ କୁମାର ପଣ୍ଡା, ଉମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନିମ୍ନମାନର ଡ୍ରେନ୍ କାମକୁ ବିରୋଧ

ରୂପସା,୧୯।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତ ଅଧୀନ ୧୯ନଂ. ୱାର୍ଡ଼ ଓଡ଼ିଆଶାସନ ଗ୍ରାମରେ ନିମ୍ନମାନର ଡ୍ରେନ୍ ନିର୍ମାଣ କାର୍ଯ୍ୟକୁ ନେଇ ଶନିବାର ଉତ୍ତେଜନା ଦେଖାଦେଇଛି। ଭାଗମାପରେ ବହୁତ କମ୍ ପରିମାଣରେ ସିମେଣ୍ଟ ଦିଆଯାଉଥିବା ଏବଂ ଏଷ୍ଟିମେଟ୍‌ଠାରୁ କମ୍ ଓସାର ୱାଲ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଏହାଛଡ଼ା ଓଭରସାଇଜ ମେଟାଲ ବ୍ୟବହାର କରାଯାଉଥିବାରୁ ଖୁବ୍‌ଶୀଘ୍ର ଏହି ଡ୍ରେନ୍‌ର ୱାଲ ଭୁଶୁଡି ପଡ଼ିବାର ଆଶଙ୍କା ଦେଖାଦେଇଛି।

ପଞ୍ଚାୟତ ଫଣ୍ଡରୁ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨ଟି ପ୍ରକଳ୍ପ ମଞ୍ଜୁର ହୋଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ରହିଛି। ପଞ୍ଚାୟତ କର୍ତ୍ତୃପକ୍ଷ ଏହି ଡ୍ରେନ୍ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଓ


ନିମ୍ନମାନର ଡ୍ରେନ୍ ନିର୍ମାଣକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

ଜେଇଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସମ୍ପୂର୍ଣ୍ଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ବର୍ଷା ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ସୂଚନାଫଳକ ଲାଗିନାହିଁ। ଓଭରସାଇଜ ମେଟାଲ ବ୍ୟବହାର କରାଯାଉଛି। କମ୍ ପରିମାଣରେ ସିମେଣ୍ଟ ଦିଆଯାଉଛି। ଗାଁ ଲୋକେ ମିସ୍ତ୍ରୀକୁ ତାଗିଦ୍ କରିବାରୁ ତାଙ୍କୁ ଯେଉଁଭଳି ନିର୍ଦ୍ଦେଶ ଦିଆଯାଇଛି ସେଭଳି କାର୍ଯ୍ୟ ହେଉଥିବା କହିଛନ୍ତି।

ଏ ସମ୍ପର୍କରେ ଜେଇ ମୋନାଲିସା ମହାନ୍ତିଙ୍କୁ ପଚରାଯିବାରୁ ସେ ନିର୍ମାଣସ୍ଥଳୀ ପରିଦର୍ଶନ କରିବେ ବୋଲି କହିଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ଅଞ୍ଜନ କୁମାର ଗୋଛାୟତ ଠିକ୍ ଭାବେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ହେବା ଦିଗରେ ଦୃଷ୍ଟି ଦେବେ ବୋଲି କହିଛନ୍ତି। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ପରିକ୍ଷୀତ ମହାଳିକ ତଦନ୍ତ ପୂର୍ବକ ପ୍ଲାନ ଏଷ୍ଟିମେଟ ମୁତାବକ ଡ୍ରେନ୍ ନିର୍ମାଣ ହେବ ବୋଲି କହିଛନ୍ତି।

# ଦିବ୍ୟାଙ୍ଗ ଝିଅ ସହ ରାହା ଖୋଜୁଛନ୍ତି ରଜନୀ

ସିମୁଳିଆ, ୧୯।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମୁରୁଣା ପଞ୍ଚାୟତ ୩ନଂ. ୱାର୍ଡ ରାଉତପଡା ଅଞ୍ଚଳର ୫୫ ବର୍ଷୀୟା ରଜନୀ ଦାସଙ୍କ ନିକଟରେ ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନାହିଁ। ୨୦ବର୍ଷୀୟା ଦିବ୍ୟାଙ୍ଗ ଝିଅଙ୍କୁ ସାଙ୍ଗରେ ଧରି ସେ ଏବେ ବାଲିକଣା ଅଞ୍ଚଳରେ ୫ଶହ ଟଙ୍କା ଭଡା ଦେଇ ରହୁଛନ୍ତି। ମାସିକ ୫ଶହ ଟଙ୍କା ସରକାରୀ ଭତ୍ତା ସହିତ ୫କି.ଗ୍ରା. ଚାଉଳ ତାଙ୍କୁ ମିଳୁଛି। ଝିଅ ସୁକାନ୍ତିଙ୍କୁ ପୂର୍ବରୁ ଚାଉଳ ମିଳୁଥିବା ତେବେ ଆଧାରକାର୍ଡ ନ ଥିବାରୁ ତାଙ୍କୁ ଗତ ଦୁଇବର୍ଷ ହେଲା ଆଉ ଚାଉଳ ମିଳୁନାହିଁ। ଏଭଳି ଅସହାୟ ଅବସ୍ଥାରେ ଦିନ ବିତାଉଛନ୍ତି ମା’ଝିଅ।

୧ ଗୁଣ୍ଠ ସମ୍ପତ୍ତି ତାଙ୍କର ନିଜସ୍ୱ ସମ୍ବଳ। ତାଙ୍କ ଘରଟି ଭାଙ୍ଗିଯିବା ପରେ ସେ ଭଡା ଘରେ ରହୁଛନ୍ତି । ସରକାରଙ୍କ ପକ୍ଷରୁ ତାଙ୍କୁ ଇନ୍ଦିରା ଆବାସଟିଏ ମିଳିପାରିନାହିଁ। ଅପରପକ୍ଷେ ତାଙ୍କ ଜମିକୁ


ନିଜ ଭଙ୍ଗା ଘର ନିକଟରେ ଉଭୟ ମା’ ଓ ଝିଅ ।

ପଡୋଶୀ ହାତେଇବା ପାଇଁ ଚାହୁଁଥିବାରୁ ଉଭୟ ମା’ ଓ ଝିଅ ହଇରାଣ ହେଉଥିବା ସେ କୁହନ୍ତି। ପୂର୍ବତନ ସମିତିସଭ୍ୟ କୃଷ୍ଣଚନ୍ଦ୍ର ବେହେରା କହନ୍ତି ତାଙ୍କ ନାମରେ ଘରଟିଏ ଆସିଥିଲା । କେହି ତାଙ୍କୁ ସହଯୋଗର ହାତ ନ ବଢାଇବାରୁ ତାହା ଫେରିଯାଇଛି। ଅପରପକ୍ଷେ ତାଙ୍କ ଘରକୁ ଅନ୍ୟ ଜଣଙ୍କୁ ଦିଆଯାଇଥିବା ଅଭିଯୋଗ କରିଛନ୍ତି ରଜନୀ । ସେ କୁହନ୍ତି, ସିମୁଳିଆ ବ୍ଲକ ଅଧୀନ ବାଉରୀପଡା ଅଞ୍ଚଳରେ ତାଙ୍କ ଶାଶୁଘର। ବିବାହର କିଛି ମାସ ପରେ ତାଙ୍କୁ ନିର୍ଯାତନା ଦିଆଯିବାରୁ ସେ ସହି

**ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ**

ନ ପାରି ନିଜ ଗାଁକୁ ଫେରିଆସିଥିଲେ । ସେଠାରେ ତାଙ୍କ ଝିଅ ସୁକାନ୍ତି ଜନ୍ମ ହୋଇଥିଲା । ସୁକାନ୍ତି ଗାଁ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ। ତାଙ୍କଠାରେ ସାମାନ୍ୟ ମାନସିକ ବିକୃତି ଦେଖାଦେବାରୁ ସେ ଆଉ ପାଠ ପଢି ନ ଥିଲେ। ପେଟ ପୋଷିବା ପାଇଁ ପ୍ରତ୍ୟେକ ଦିନ ସକାଳେ ୪କି.ମି. ଚାଲି ଚାଲି ଯାଇ ରଜନୀ ଝିଅକୁ ମାର୍କୋଣା ଷ୍ଟେଶନ ବଜାରରେ ଜଣେ ବ୍ୟକ୍ତିଙ୍କ ଘରେ କାମ କରିବା ପାଇଁ ଛାଡି ଆସନ୍ତି । ସେ ନିଜେ ଗାଁକୁ ଫେରି ଜଣେ ପଡୋଶୀଙ୍କ ଗୁହାଳ କାମ କରନ୍ତି। ପୁଣି ମଧ୍ୟାହ୍ନରେ ଝିଅକୁ ଆଣିବା ପାଇଁ ଯାଆନ୍ତି । ସୁକାନ୍ତି ମାସିକ ହଜାରେ ଓ ରଜନୀ ମାସିକ ୩ଶହ ଟଙ୍କା ରୋଜଗାର କରନ୍ତି । ଏଥିରେ ତାଙ୍କ ପରିବାର ଚାଲୁଥିବା ସେମାନେ ପ୍ରକାଶ କରିଛନ୍ତି ।

ଧରିତ୍ରୀ
DHARITRI
ରବିବାର, ୨୦ ଜୁନ୍, ୨୦୨୧



# ପ୍ରେରଣାର ଉତ୍ସ ବାପା



**ଯିଏ ନିଜଠୁ ପ୍ରଥମେ ସନ୍ତାନର କ୍ଷୁଧା ମେଣ୍ଟାନ୍ତି, ଯିଏ ନିଜଠୁ ଅଧିକ ସନ୍ତାନର ସଫଳତା ଚାହାନ୍ତି ଆଉ ଯିଏ ନିଜ କଷ୍ଟକୁ ଭିତରେ ଲୁଚାଇ ସନ୍ତାନ ମୁହଁରେ ହସ ଫୁଟାନ୍ତି ସିଏ ବାପା। ଆଜି ଫାଦର୍ସ ଡେ' ଅବସରରେ ବିଶେଷ ଉପସ୍ଥାପନା...**

**ବାପାଙ୍କ ଅବଦାନ ଅତୁଳନୀୟ:** ପରିଶ୍ରମ ଓ ନିଷ୍ଠା ମଣିଷକୁ ସଫଳତା ଆଣିଦିଏ। ଏକଥା ତାଙ୍କୁ ଶିଖାଇଥିଲେ ବାପା। ଆଉ ଏହାକୁ ପାଥେୟ କରି ଜୀବନର ସବୁ ବାଧା ବିଘ୍ନକୁ ଏଡ଼ାଇ ସେ ହାସଲ କଲେ ସଫଳତା। ଦିନେ ଘରେ ବିଜୁଳି ନ ଥିବାରୁ ମିଞ୍ଜିମିଞ୍ଜି ଡିବିରି ଆଲୁଅରେ ପାଠ ପଢୁଥିବା ପିଲାଟିଏ ଆଜି ଜଣେ ତହସିଲଦାର। ଏହା ହେଉଛି ପୁରୀ ଜିଲା ପିପିଲି ଅନ୍ତର୍ଗତ ଖରିଜା ପାଟଣାରେ ରହୁଥିବା ଭଗବାନ ସାହୁଙ୍କ ପୁଅ ଡଃ ଜନ୍ମେଜୟଙ୍କ ଜୀବନ କାହାଣୀ। ସେ କୁହନ୍ତି, ଆମ ପରିବାରର ଆର୍ଥିକ ସ୍ଥିତି ପିଲାବେଳେ ଭଲ ନ ଥିଲା। ବାପାଙ୍କର ଆମେ ଚାରି ପୁଅ। ଦୁଇ ଓଳି ଆମକୁ ଭଲ କରି ଖୁଆଇବା ପାଇଁ ବାପା କେତେ କଷ୍ଟ କରନ୍ତି ତାହା ନିଜେ ଦେଖିଛି। ଏମିତିରେ କୌଣସି ବଡ଼ ସ୍କୁଲ୍‌ରେ ପଢ଼ିବା ଆମ ପାଇଁ ସ୍ୱପ୍ନ ଥିଲା। ଯେହେତୁ ମୁଁ ଭଲ ପଢୁଥିଲି ତେଣୁ ବାପା ଯେତେ ଅସୁବିଧାରେ ଥିଲେ ସୁଦ୍ଧା ଆବଶ୍ୟକ ପାଠ୍ୟ ଉପକରଣ ଯୋଗାଡ଼ କରୁଥିଲେ ଏବଂ ଭଲ ପଢ଼ି ବଡ଼ ଚାକିରୀ କରିବାକୁ ମନରେ ଆଶା ସଞ୍ଚାର କରାଉଥିଲେ। ତାହାହିଁ ମୋତେ ଆଗକୁ ବଢ଼ିବାର ପ୍ରେରଣା ଦେଲା। ପରିଶ୍ରମ ଜାରି ରଖିଲି ଏବଂ ମାଟ୍ରିକ ଭଲ ନମ୍ବର ରଖି ପାସ୍ କଲି। ପରେ ମେଧାବୃତ୍ତି ବାବଦକୁ ମିଳିଥିବା ୧୮ହଜାର ଟଙ୍କାରେ ହାଇଦ୍ରାବାଦ ସେଣ୍ଟ୍ରାଲ ୟୁନିଭର୍ସିଟିରେ ଡକ୍ଟରେଟ୍ କଲି। ଧୀରେଧୀରେ ସଫଳତା ମିଳିବା ସହ ୨୦୧୬ରେ ସୋନପୁର ଡିଙ୍ଗା ତହସିଲରେ ଆଡିସିନାଲ ତହସିଲଦାର ଭାବେ ନିଯୁକ୍ତି ମିଳିଲା। ବର୍ତ୍ତମାନ କନ୍ଧମାଳ ଜିଲ୍ଲା ଜି. ଉଦୟଗିରିରେ ତହସିଲଦାର ଭାବେ ଦାୟିତ୍ୱ ନିର୍ବାହ କରୁଛି। ଆଜି ମୁଁ ଯେଉଁ ସ୍ତରରେ ଆସି ପହଞ୍ଚିଛି ସେଥିପାଇଁ ବାପାଙ୍କ ଆର୍ଶୀବାଦ ଓ ପ୍ରେରଣା ରହିଛି।



ବିସ୍ମିତା



ବାପା ଭଗବାନଙ୍କ ସହ ଜନ୍ମେଜୟ

**ସଫଳତାର ଶ୍ରେୟ ବାପାଙ୍କୁ ଦେବି:** ପିଲାଦିନୁ ସମାଜରେ ଅବହେଳିତ ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରିବା ଥିଲା ତାଙ୍କର ନିଶା। ଆଉ ଭବିଷ୍ୟତରେ ସେନାବାହିନୀରେ ଯୋଗଦେବା ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିଲେ ହେଁ ନିଜର ଭବିଷ୍ୟତ ସ୍ୱପ୍ନ ସାକାର କରିବାକୁ ତାଙ୍କ ଭିତରେ ଆତ୍ମବିଶ୍ୱାସ, ଦୃଢ଼ ଇଚ୍ଛାଶକ୍ତି ଭରି ଦେଇଥିଲେ ବାପା। ଯେଉଁଥିପାଇଁ ସେ କଠିନ ପରିଶ୍ରମ ଦ୍ୱାରା କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍)ରେ ନିଯୁକ୍ତି ପାଇ ଦେଶସେବାରେ ବ୍ରତୀ ହେବାର ସୌଭାଗ୍ୟ ଅର୍ଜନ କରିପାରିଲେ। ସେ ହେଉଛନ୍ତି ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ବଳଭଦ୍ରପୁର ପଞ୍ଚାୟତ ସିଂହଟିଆ ଗ୍ରାମରେ ରହୁଥିବା ନିଗମାନନ୍ଦ ଘୋଷଙ୍କ ଝିଅ ବିସ୍ମିତା। ସେ କୁହନ୍ତି, ବାପା ଜଣେ ଚାଷୀ। ୬ ପ୍ରାଣୀ କୁଟୁମ୍ବର ପେଟ ପୋଷିବା ତାଙ୍କ ପାଇଁ ଥିଲା କଷ୍ଟକର। ତଥାପି ପାଠପଢ଼ା ପ୍ରତି ମୋର ଆଗ୍ରହ ଦେଖି ବାପା ଏବଂ ଭାଇ ଅଣ୍ଟା ଭିଡ଼ିଥିଲେ। ପଢ଼ା ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ଏବଂ ଖର୍ଚ୍ଚ ଯୋଗାଇ ଦେଇଥିଲେ। ଏମିତିରେ ମୁଁ ଗ୍ରାଜୁଏଶନ ସମାପ୍ତ କରି ଏକ କମ୍ପ୍ୟୁଟର କୋର୍ସ ମଧ୍ୟ କଲି। ତେବେ ପାଠପଢ଼ା ପରେ ନିଜକୁ ସୀମିତ ନ ରଖି ଆଗକୁ ବଢ଼ିବାକୁ ବାପା ସର୍ବଦା ପରାମର୍ଶ ଦିଅନ୍ତି। ତେଣୁ ପ୍ରଥମେ ଏକ ଜନସେବା କେନ୍ଦ୍ରରେ ପାର୍ଟଟାଇମ୍ ଜବ୍ କଲି। ୨୦୧୭ରେ ସିଆର୍‌ପିଏଫ୍‌ରେ ଉତ୍ତୀର୍ଣ୍ଣ ହେବା ପରେ କର୍ନାଟକ ରାଜ୍ୟର ବାଙ୍ଗାଲୋରଠାରେ ପ୍ରଥମ ନିଯୁକ୍ତି ଓ ତାଲିମ ଗ୍ରହଣ କଲି ଏବଂ ଶ୍ରୀନଗରରେ କାର୍ଯ୍ୟ ଆରମ୍ଭ କଲି। ବର୍ତ୍ତମାନ ଗୁଜରାଟର ଗାନ୍ଧୀନଗର ମୁଖ୍ୟାଳୟରେ ଅବସ୍ଥାପିତ ହୋଇ ସୁରକ୍ଷା କ୍ଷେତ୍ରରେ ସଜାଗ ରହିଛି। ତେବେ ଜଣେ ନାରୀ ହୋଇ ବନ୍ଧୁକ ଚଳାଇବା, ପାହାଡ଼ ଚଢ଼ିବା, ଘଞ୍ଚ ଜଙ୍ଗଲରେ ରହିବା, ଅସହାୟଙ୍କୁ କାନ୍ଧରେ ବୋହି ସହାୟତା ପ୍ରଦାନ କରିବା ଭଳି ଅନେକ କାର୍ଯ୍ୟ କରିବା ସହ ଗଣ୍ଡଗୋଳ ସମୟରେ ଢେଲାମାଡ଼ ଖାଇବା ଭଳି ଅନେକ ପରିସ୍ଥିତିକୁ ସାମ୍ନା କରି ନିଜକୁ ଆହୁରି ଦୃଢ଼ କରି ଚାଲିଛି। ତେବେ ଏସବୁ ଆଜି ଯାହା କରୁଛି, ସବୁ ସଫଳତା ପଛରେ ମୋ ବାପାଙ୍କ ପ୍ରେରଣା ଓ ପ୍ରୋତ୍ସାହନ ରହିଛି। ନିଷ୍ଠା ଓ ଦକ୍ଷତା ବଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କର ବୋଲି ସେ ଯେଉଁ ପରାମର୍ଶ ଦିଅନ୍ତି, ତାହା ମୋ ଜୀବନର ମନ୍ତ୍ର ବୋଲି ପ୍ରକାଶ କରନ୍ତି ବିସ୍ମିତା।



ବାପା କୃଷ୍ଣପ୍ରସାଦଙ୍କ ସହ ସଂଯୁକ୍ତା

**ମୋ ପାଇଁ ପ୍ରେରଣାର ଉତ୍ସ ବାପା:** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଗୋପୀନାଥପୁର ପଞ୍ଚାୟତ ରାୟପୁରର ସଂଯୁକ୍ତା ମାଝି। ପୁରୀ ଚାଇଲ୍ଡ ଲାଇନ୍‌ରେ କାର୍ଯ୍ୟରତ। ସେ କୁହନ୍ତି, ବାପା ମୋ ପାଇଁ ସବୁକିଛି। ତାଙ୍କ ପ୍ରେରଣା ଓ ଆଶୀର୍ବାଦରୁ ମୁଁ ଆଜି ଆତ୍ମନିର୍ଭର ତଥା ରୋଜଗାରକ୍ଷମ ହେବାର ସୁଯୋଗ ପାଇଛି। କାରଣ ପ୍ରତିଟି ସମୟରେ ଆଉ ଯେକୌଣସି ସମସ୍ୟା ଆସିଲେ ସେ ଢାଲ ପରି ଛିଡ଼ା ହୋଇଛନ୍ତି। ପିଲାବେଳୁ ପାଠପଢ଼ା ଆରମ୍ଭଠାରୁ କଲେଜ ଶିକ୍ଷା ପର୍ଯ୍ୟନ୍ତ କେବଳ ତାଙ୍କ ଆଶୀର୍ବାଦ ଓ ଉଦ୍ୟମରୁ ସମ୍ଭବ ହୋଇପାରିଛି। ବାପା (ପୂର୍ଣ୍ଣଚନ୍ଦ୍ର ମାଝି) ଜଣେ ଭାଗଚାଷୀ। ତେଣୁ ତାଙ୍କ ସ୍ୱଳ୍ପ ଅର୍ଜିତ ଧନରେ ଆମ ଛଅ ଭଉଣୀଙ୍କୁ ପାଠ ପଢ଼ାଇବା କଷ୍ଟ ହୋଇଥିଲେ ବି କେବେ ପ୍ରକାଶ କରିନାହାନ୍ତି। ନିଜେ କଷ୍ଟ ସହି ଧାର କରଜରେ ବୁଡ଼ି ଆମକୁ ପାଠ ପଢ଼ାଇଛନ୍ତି ଆଉ ସବୁବେଳେ ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ପ୍ରେରଣା ଯୋଗାଇଛନ୍ତି। ମନେପଡୁଛି, ଯେବେ ପୁରୀ ଚାଇଲ୍ଡ ଲାଇନରେ ପ୍ରଥମେ କାର୍ଯ୍ୟ କରିବା ପାଇଁ ସୁଯୋଗ ମିଳିଲା, ଶିଶୁମାନଙ୍କ ପାଇଁ କାମ କରିବାକୁ ପଡ଼ିବ, ପୁଣି ଘରଠାରୁ ଦୂରରେ ରହିବାକୁ ହେବ ଜାଣି ଏଥିପାଇଁ ଅମଙ୍ଗ ହେଉଥିଲି। ହେଲେ ସେଦିନ ବାପାଙ୍କର ଦୁଇପଦ କଥା– 'ପ୍ରତି କାମର ମହତ୍ତ୍ୱ ରହିଛି, ଏକାଗ୍ରତା ରହିଲେ ସିଦ୍ଧି ହାସଲ କରିହେବ' ମୋ ଜୀବନର ଗତିପଥ ବଦଳାଇଦେଲା। ଆଜିକୁ ୩ ବର୍ଷ ହେଲାଣି ଏହି କାର୍ଯ୍ୟରେ ନିୟୋଜିତ ଅଛି। ଏଥିସହିତ ଉଚ୍ଚଶିକ୍ଷା ପାଇଁ ମଧ୍ୟ ପ୍ରସ୍ତୁତି ଚଳାଇଛି। ସଫଳତା ପାଇବାକୁ ହେଲେ ନିରନ୍ତର ପ୍ରୟାସ, ନିଷ୍ଠା ଜରୁରୀ ବୋଲି ବାପା ଯାହା କୁହନ୍ତି, ତାହାକୁ ଜୀବନର ବ୍ରତ ଭାବେ ବାଛିନେଇଛି। ପ୍ରତିଟି ସମୟରେ ବାପାଙ୍କ ପରାମର୍ଶ ନିଏ, ମନେହୁଏ ଯେପରି ସବୁ ସମସ୍ୟାର ସମାଧାନ ତାଙ୍କ ପାଖରେ ରହିଛି। ସେ ଜଣେ ଶିକ୍ଷକ/ବନ୍ଧୁ ଭାବେ ଗାଇଡ୍ କରନ୍ତି। ତାଙ୍କ ଭଳି ବାପାଙ୍କ ଝିଅ ଭାବେ ମୁଁ ସର୍ବଦା ଗର୍ବିତ।

## ଏ ସପ୍ତାହର ପ୍ରଶ୍ନ

୧– ଯୁବ ଶକ୍ତି କରୋନା ମୁକ୍ତି ଅଭିଯାନ.......... ରାଜ୍ୟରେ ଆରମ୍ଭ କରାଯାଇଛି ?
୨– ନାଫ୍‌ତାଲି ବେନେଟ୍ ........... ଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ଯୋଗ ଦେଇଛନ୍ତି ?
୩– ଦି ୟୁନାଇଟେଡ୍ ନେସନ୍ସ ସିକ୍ୟୁରିଟି କାଉନ୍‌ସିଲ୍‌ରେ ............. ଟି ଦେଶ ସଦସ୍ୟ ଅଛନ୍ତି ?
୪– 'ପିଏମ୍‌ଏୱାଇ'ର ଫୁଲ୍‌ଫର୍ମ ........... ?
୫– ଆର୍ଜେଣ୍ଟିନାର ଜାତୀୟ ଭାଷା........... ?

## ଗତ ଥରର ଉତ୍ତର

୧ ଆମେରିକା
୨ ୫୪
୩ କ୍ୟାଲ୍‌ସିୟମ୍ ମ୍ୟାଗ୍ନେସିୟମ୍ ସିଲିକେଟ
୪ ଲିଗ୍ ମ୍ୟାଗ୍ନସ୍
୫ ପ୍ରଧାନମନ୍ତ୍ରୀ ଆବାସ ଯୋଜନା

## ଉତ୍ତରଦାତା

➔ରୁଦ୍ରନାରାୟଣ ପାତ୍ର, ଖୋର୍ଦ୍ଧା
➔ଦୀପ୍ତିରେଖା ସ୍ୱାଇଁ, ନିଆଳି
➔ସ୍ୱପ୍ନେଶ୍ୱର ମହାନ୍ତି, ବାଲେଶ୍ୱର
➔ରୋମାଲୀ ନନ୍ଦ, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ସୁନ୍ଦର ମାଛ



୧.......................................... ମାଣ୍ଡାରିନ୍ ଫିସ୍
୨.......................................... କ୍ଲନ୍ ଫିସ୍
୩.......................................... ବାଙ୍ଗାଇ କାର୍ଡିନାଲ୍‌ଫିସ୍
୪.......................................... ବ୍ଲୁ ଫେସ୍ ଆଞ୍ଜେଲ୍ ଫିସ୍
୫.......................................... ଫ୍ରେଞ୍ଚ ଆଞ୍ଜେଲ୍ ଫିସ୍
୬.......................................... ଟ୍ରିଗର୍ ଫିସ୍
୭.......................................... ମୁରିସ୍ ଆଡଲ୍
୮.......................................... ସିମ୍ପିସଡନ୍
୯.......................................... ଲାୟନ୍ ଫିସ୍
୧୦.......................................... ଲାଇରେଟେଲ୍ ଆନ୍ଥିଆସ୍‌ମୁରିସ୍

## ଯୁବ ପ୍ରତିଭା

# ଓଡ଼ିଶୀ ଦେଇଛି ପରିଚୟ

ଖୁବ୍ କମ୍ ବୟସରୁ ତାଙ୍କ ମନରେ ସୃଷ୍ଟି ହୋଇଥିଲା ନୃତ୍ୟ ପ୍ରତି ଆଗ୍ରହ। ବୟସ ବଢ଼ିବା ସହିତ ଏହା ତାଙ୍କର ନିଶାରେ ପରିଣତ ହେଲା। ଆଉ ଜଣେ ସଫଳ ଯୁବ ନୃତ୍ୟଶିଳ୍ପୀ ଭାବେ ସେ ସୃଷ୍ଟି କଲେ ନିଜର ଏକ ସ୍ୱତନ୍ତ୍ର ପରିଚୟ। ସେ ହେଉଛନ୍ତି ପୁରୀ ଜିଲା କଣାସ ନୀଳବସନ୍ତ ଗ୍ରାମରେ ରହୁଥିବା ମା' ଅବନ୍ତୀ ଏବଂ ସୁଦର୍ଶନ ସ୍ୱାଇଁଙ୍କ ଝିଅ ବର୍ଷାରାଣୀ। ଶ୍ରୀକ୍ଷେତ୍ର ମାଟିରେ ସେ ଜଣେ ଜଣାଶୁଣା ନୃତ୍ୟଶିଳ୍ପୀ ଭାବେ ପରିଚିତା। ପୁରୀରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳେ ତାଙ୍କ ନୃତ୍ୟର ଝଲକ। କେବଳ ସେତିକି ନୁହେଁ, ଓଡ଼ିଶାର ବିଭିନ୍ନ ସାଂସ୍କୃତିକ ମହୋତ୍ସବ ସମେତ ରାଜ୍ୟ ବାହାରେ ଅର୍ଥାତ୍ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆସାମ, କର୍ନାଟକ, ଗୁଜରାଟ, ଦିଲ୍ଲୀ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ପ୍ରଭୃତି ସ୍ଥାନରେ ନୃତ୍ୟ ପରିବେଷଣ କରି ସାଉଁଟିଛନ୍ତି ଅନେକ ପୁରସ୍କାର ଓ ପ୍ରଶଂସା। ତେବେ ବଡ଼ଭଉଣୀ ବିଜୟଲକ୍ଷ୍ମୀଙ୍କ ପ୍ରେରଣା ତାଙ୍କୁ ଏ ଦିଗରେ ଆଗକୁ ବଢ଼ିବାକୁ ଉତ୍ସାହିତ କରିଥିବା ପ୍ରକାଶ କରନ୍ତି ବର୍ଷା। ସେ ବିଜ୍ଞାନରେ ସ୍ନାତକ ହାସଲ କରିଥିବା ବେଳେ ଚଣ୍ଡିଗଡ଼ ପ୍ରାଚୀନ କଳାକେନ୍ଦ୍ରରୁ ନୃତ୍ୟ ଭାସ୍କର, ମୁମ୍ବାଇ ଗାନ୍ଧର୍ବ କଳା କେନ୍ଦ୍ରରୁ ନୃତ୍ୟ ବିଶାରଦ ଯୋଗ୍ୟତା ହାସଲ କରିଛନ୍ତି। ଇତିମଧ୍ୟରେ ତାଙ୍କୁ ମିଳିଛି ଶ୍ରୀକ୍ଷେତ୍ର ଶ୍ରୀ, ଶ୍ରୀକ୍ଷେତ୍ର ଗୌରବ, ନୃତ୍ୟ ପ୍ରତିଭା, ସିଂହାରୀ ଶ୍ୟାମ ସୁନ୍ଦର ସମ୍ମାନ ଭଳି ଅନେକ ପୁରସ୍କାର। ନିଜ ସଫଳତାର ଶ୍ରେୟ ସେ ଗୁରୁ ସଂଯୁକ୍ତା ମହାନ୍ତି, ସ୍ୱୟଂସୁଧା ମହାନ୍ତି ଏବଂ ଅଶୋକ ଦାସଙ୍କୁ ଦିଅନ୍ତି। ତେବେ ବର୍ତ୍ତମାନ ସ୍ୱାମୀ ଶ୍ରୀତମ ବଳିୟାରସିଂଙ୍କ ପ୍ରୋତ୍ସାହନ ଏବଂ ପରିବାରର ସମସ୍ତ ସଦସ୍ୟଙ୍କ ଆଶୀର୍ବାଦ ଓ ସହଯୋଗ ତାଙ୍କୁ ନୃତ୍ୟ କ୍ଷେତ୍ରରେ ଆଗେଇବାରେ ଦୃଢ଼ ମନୋବଳ ଯୋଗାଉଛି ବୋଲି ସେ କୁହନ୍ତି। ନିଜକୁ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ଗର୍ବ ଅନୁଭବ କରୁଥିବା ବର୍ଷା ଭବିଷ୍ୟତରେ ନିଜର ଏକ ଶିକ୍ଷାନୁଷ୍ଠାନ ଗଢ଼ି ପିଲାମାନଙ୍କୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଦେବା ସହ ଅଧିକରୁ ଅଧିକ ଏହାର ପ୍ରଚାର ପ୍ରସାର କରିବାକୁ ଲକ୍ଷ୍ୟ ରଖିଛନ୍ତି।



– ପ୍ରଭାତ ପାଣିଗ୍ରାହୀ

## ୟୁଥ୍ ଆଲର୍ଟ

# ବର୍ଷାରେ ବାହାରକୁ ଯାଉଥିଲେ ...

**ଚାକିରି, ମାର୍କେଟିଂ କିମ୍ବା ଅନ୍ୟ ବିଭିନ୍ନ କାରଣରୁ ପ୍ରାୟ ଅଧିକାଂଶଙ୍କୁ ଘରୁ ବାହାରକୁ ଯିବାକୁ ପଡ଼ିଥାଏ। ତେବେ ବର୍ଷା ସମୟରେ ବାହାରକୁ ଯାଉଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ। ଜାଣି ରଖନ୍ତୁ ସେ ସମ୍ପର୍କରେ...**

➤ଗାଡ଼ି ଚଲାଉଥିବା ବେଳେ ବର୍ଷା ହେଲେ କିମ୍ବା ବର୍ଷା ଛାଡ଼ିବା ପରେ ଓଦା ରାସ୍ତାରେ ଗାଡ଼ି ଚଲାଉଥିଲେ ରାସ୍ତା ଖସଡ଼ା ହୋଇଥିବାରୁ କିମ୍ବା କାଦୁଅ ବା ଖାଲ ସ୍ଥାନରେ ପାଣି ଜମାଥିବାରୁ ଦୁର୍ଘଟଣାର ଆଶଙ୍କା ଥାଏ। ତେଣୁ ବର୍ଷାରେ ଅଧିକ ସ୍ପିଡ୍‌ରେ ଗାଡ଼ି ନ ଚଲାଇ ଧୀରେ ଏବଂ ସତର୍କତାର ସହ ଚଲାନ୍ତୁ।

➤କୌଣସି ସ୍ଥାନରେ ହଠାତ୍ ବ୍ରେକ୍ କରନ୍ତୁ ନାହିଁ, ନଚେତ୍ ଗାଡ଼ି ସ୍ଲିପ୍ ହୋଇ ପଡ଼ିଯିବାର ଆଶଙ୍କା ରହିଛି। ତେଣୁ ଧୀରେ ଧୀରେ ବ୍ରେକ୍ କରନ୍ତୁ ଏବଂ ଗାଡ଼ିକୁ ସିଧା ରଖି ଷ୍ଟାଣ୍ଡ ଲଗାନ୍ତୁ।

➤ରାସ୍ତାରେ ଯିବା ବେଳେ ହଠାତ୍ ବର୍ଷା ହେଲେ ରାସ୍ତା କଡ଼ରେ କୌଣସି ସୁବିଧା ନ ମିଳିଲେ ଅନେକେ ଗଛମୂଳେ ଠିଆ ହୁଅନ୍ତି। ହେଲେ ବର୍ଷାରେ ଗଛ ଡାଳ ଭାଙ୍ଗିବା କିମ୍ବା ଘଡ଼ଘଡ଼ି ପଡ଼ିବା ଦ୍ୱାରା ଅନେକ ଦୁର୍ଘଟଣାର ନଜିର ରହିଛି। ଠିକ୍ ସେହିପରି ବର୍ଷାବେଳେ ଇଲେକ୍ଟ୍ରି ଖୁଣ୍ଟ କିମ୍ବା ତାର ମୂଳରେ ମଧ୍ୟ ଠିଆ ହେବା ବିପଦପୂର୍ଣ୍ଣ। ଏହାଦ୍ୱାରା ବିଜୁଳି ସଂସ୍ପର୍ଶରେ ଆସି ବିଭିନ୍ନ ଦୁର୍ଘଟଣାର ଆଶଙ୍କା ରହିଛି।

➤ବର୍ଷା ସମୟରେ ହେଲ୍‌ମେଟ୍ ଗ୍ଲାସ୍ ଉପରେ ପାଣି ପଡ଼ି କୁହୁଡ଼ି ଭଳି ଆବରଣ ବସିଯିବା ଯୋଗୁ ରାସ୍ତା ସହଜରେ ଦେଖାଯାଇ ନ ଥାଏ। ତେଣୁ ଅନେକେ ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଲାଇଥା'ନ୍ତି। ହେଲେ ଏପରି କରିବା ଆଦୌ ନିରାପଦ ନୁହେଁ। ତା' ଛଡ଼ା ଏହାଦ୍ୱାରା ଆଖିରେ ବର୍ଷାପାଣି, ରାସ୍ତାର କାଦୁଅ ଓ ଅପରିଷ୍କାର ପାଣି ମାଡ଼ ହୋଇ ଚକ୍ଷୁସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ତେଣୁ ଏଦିନେ ମାର୍କେଟ୍‌ରେ ଆଣ୍ଟି ଫଗିଂ ଗ୍ଲାସ୍ ଥିବା ହେଲ୍‌ମେଟ୍ ବ୍ୟବହାର କରନ୍ତୁ।





➤ବର୍ଷା ସମୟରେ କାର୍‌ରେ ଯିବା ସମ୍ପୂର୍ଣ୍ଣ ନିରାପଦ ବୋଲି ଅନେକେ ଭାବନ୍ତି। ହେଲେ ଅଧିକ ବର୍ଷା ସମୟରେ କାର୍ ଗ୍ଲାସ୍‌ରେ ପାଣି ପଡ଼ିବା ଯୋଗୁ ରାସ୍ତା ଭଲ ଭାବେ ଦେଖା ଯାଇ ନ ଥାଏ। ତା'ଛଡ଼ା ଘଡ଼ଘଡ଼ି, ବିଜୁଳି ଏବଂ ପବନ ହେଉଥିଲେ କେବଳ ଦୁଇଚକିଆ ନୁହେଁ, ବଡ଼ ଗାଡ଼ିରେ ମଧ୍ୟ ଗଛ ପଡ଼ି ଦୁର୍ଘଟଣା ହେବାର ଆଶଙ୍କା ରହିଛି। ତେଣୁ ଏ ସମୟରେ ଯାତ୍ରା ନ କରି କୌଣସି ନିରାପଦ ସ୍ଥାନରେ ରହିଯିବା ଭଲ।

